# ଶ୍ରୀ ଅନ୍ନ ଅଭିଯାନର

# ସଫଳ କାହାଣୀ



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଶ୍ରୀ ଅନ୍ନ ଅଭିଯାନର

# ସଫଳ କାହାଣୀ

**ପ୍ରକାଶିତ :** ୧୦ ନଭେମ୍ବର, ୨୦୨୫
**ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ-୨୦୨୫**
ସ୍ଥାନ: ସମ୍ମେଳନ କକ୍ଷ, ଲୋକସେବା ଭବନ, ଭୁବନେଶ୍ୱର, ଓଡ଼ିଶା



## ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ

ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ
କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି, ଓଡ଼ିଶା

# ବାର୍ତ୍ତା

ବହୁ ପ୍ରାଚୀନ କାଳରୁ ଓଡ଼ିଶାର ସମୃଦ୍ଧ କୃଷି ଐତିହ୍ୟରେ ପୁଷ୍ଟିଶସ୍ୟଗୁଡିକର ସ୍ୱତନ୍ତ୍ର ସ୍ଥାନ ରହିଛି । ଯଜୁର୍ବେଦ ଏବଂ ଅଥର୍ବବେଦ ଭଳି ପ୍ରାଚୀନ ବୈଦିକ ଗ୍ରନ୍ଥଗୁଡ଼ିକରେ ମୂଲ୍ୟବାନ ଓ ଶୁଦ୍ଧ ଶସ୍ୟଭାବେ ଏହା ଉଲ୍ଲେଖିତ ଅଛି । ସାରା ରାଜ୍ୟରେ ପୁଷ୍ଟିଶସ୍ୟ ଚାଷ ବିଭିନ୍ନ କୃଷି ପରିବେଶଗତ ପ୍ରସଙ୍ଗରେ କ୍ରମ ବିକଶିତ ହୋଇ ପଶ୍ଚିମ ଓଡ଼ିଶା ବିଶେଷକରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଏବଂ ବରଗଡ଼ ଭଳି ଜିଲ୍ଲାଗୁଡ଼ିକରେ ଚାଷୀମାନେ ମିଶ୍ରିତ ଫସଲ ପ୍ରଣାଳୀର ଅଂଶ ଭାବରେ ଜହ୍ନା, ବାଜରା ଏବଂ କାଙ୍ଗୁ ଚାଷ କରୁଥିବାବେଳେ କୋରାପୁଟର ଉଚ୍ଚଭୂମିରେ ଥିବା ଆଦିବାସୀ ସମ୍ପ୍ରଦାୟମାନେ ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଇ ଚିରନ୍ତନ କୃଷି ପଦ୍ଧତି ବିକଶିତ କରିଥିଲେ । ଏହି ଅଞ୍ଚଳଗୁଡ଼ିକ ପୋଷକତତ୍ତ୍ୱରେ ଭରପୁର ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତିର ପରମ୍ପରା ସହ ଏକ ସମୃଦ୍ଧ କୃଷି ଐତିହ୍ୟ ବହନ କରି ଆସୁଅଛି । ପାରମ୍ପରିକ କିସମର ସଂରକ୍ଷଣ ଓ ସାର୍ବଜନୀନ ପୋଷଣ କାର୍ଯ୍ୟକ୍ରମରେ ପୁଷ୍ଟିଶସ୍ୟକୁ ସାମିଲ କରି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଶ୍ରୀ ଅନ୍ନ ଅଭିଯାନ' ଆରମ୍ଭ କରାଯାଇଥିଲା ।

ମାନ୍ୟବର ପ୍ରଧାନମନ୍ତ୍ରୀ ପୁଷ୍ଟିଶସ୍ୟକୁ "ଶ୍ରୀ ଅନ୍ନ" ବୋଲି ସମ୍ବୋଧିତ କରି ସୁପରଫୁଡ୍ ଭାବେ ଏହାର ଗୁରୁତ୍ୱ ଏବଂ କୃଷକମାନଙ୍କ ପାଇଁ ସମୃଦ୍ଧିର ଏକ ଉତ୍ସ ବୋଲି ଦର୍ଶାଇଛନ୍ତି । ସେହିପରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଅନ୍ନର ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଏବଂ ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ଓଡ଼ିଶାକୁ ଭାରତର ପୁଷ୍ଟିଶସ୍ୟ କେନ୍ଦ୍ର (ମିଲେଟ୍ ହବ୍) ଭାବେ ପ୍ରତିଷ୍ଠା କରିବା ପାଇଁ "ଶ୍ରୀ ଅନ୍ନ ଅଭିଯାନ"କୁ ପ୍ରୋତ୍ସାହିତ କରୁଛନ୍ତି ।

ପିଢ଼ି ପରେ ପିଢ଼ି ପାରମ୍ପରିକ କିସମଗୁଡ଼ିକୁ ସଂରକ୍ଷଣ କରି ଖାଦ୍ୟ ନିରାପତ୍ତାକୁ ବଜାୟ ରଖି ମହିଳା ଚାଷୀମାନେ ଓଡ଼ିଶାରେ ପୁଷ୍ଟିଶସ୍ୟ ଚାଷର ମେରୁଦଣ୍ଡ ସାଜିଛନ୍ତି । କୃଷିକ୍ଷେତ୍ରରେ ମହିଳାମାନଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ପକ୍ଷରୁ ୨୦୨୬ ବର୍ଷକୁ 'ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଭାବରେ ଘୋଷଣା କରାଯାଇଛି ।

ଓଡ଼ିଶାର ମହିଳା ପୁଷ୍ଟିଶସ୍ୟ ଚାଷୀ ଏବଂ ଉଦ୍ୟୋଗୀମାନଙ୍କ ସଫଳତାର କାହାଣୀ ଏହି ପ୍ରକାଶନରେ ଉପସ୍ଥାପିତ ହୋଇଥିବାରୁ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ସେମାନଙ୍କର ଏହି ନିରନ୍ତର ଯାତ୍ରା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଉ ଏବଂ କୃଷି ନବସୃଜନ ଓ ମହିଳା ସଶକ୍ତିକରଣରେ ଓଡ଼ିଶାର ନେତୃତ୍ୱକୁ ସୁଦୃଢ଼ କରୁ ।



(କନକ ବର୍ଦ୍ଧନ ସିଂହ ଦେଓ)



## ଡ଼. ଅରବିଂଦ କୁମାର ପାଢ଼ୀ, ଭା. ପ୍ର. ସେ

ପ୍ରମୁଖ ଶାସନ ସଚିବ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର

# ବାର୍ତ୍ତା

ଜଳବାୟୁ ସହନଶୀଳ ଓ ପୋଷକତତ୍ତ୍ୱରେ ଭରପୁର ପୁଷ୍ଟିଶସ୍ୟର ଗୁଣବତ୍ତା ମୂଲ୍ୟବୋଧ ଯୋଗୁଁ ଓଡ଼ିଶାରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦିଆଯିବା ନେଇ ଗୁରୁତ୍ୱ ଦିଆଯାଉଛି । ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ଆମେ ଏହାର ଚାଷ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟିକରଣକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରି କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛୁ । ମହିଳାମାନଙ୍କ ପ୍ରତିନିଧିତ୍ୱରେ ସେମାନଙ୍କର ଜ୍ଞାନ, ସୃଜନଶୀଳତା ଏବଂ ଉଦ୍ୟୋଗିତାକୁ ଉପଯୋଗ କରି ପୁଷ୍ଟିଶସ୍ୟ, ସାମାଜିକ ଏବଂ ଅର୍ଥନୈତିକ ବିକାଶର ଏକ ବାହକରେ ପରିଣତ ହୋଇଛି ।

କୃଷକ ସମ୍ପ୍ରଦାୟଙ୍କ ଦ୍ୱାରା ଆଞ୍ଚଳିକ ସ୍ତର ପାଇଁ ଉପଯୋଗୀ ବିଭିନ୍ନ ଭୂ-ପ୍ରଜାତି କିସମଗୁଡିକ ସଂରକ୍ଷିତ ହୋଇରହିଛି, ଯାହାକି ଆମ ରାଜ୍ୟକୁ ସମୃଦ୍ଧ କୃଷି ଜୈବ ବିବିଧତାର କେନ୍ଦ୍ରସ୍ଥଳିରୂପେ ପରିଚିତ କରାଉଛି । ମହିଳା ଚାଷୀମାନେ ପାରମ୍ପରିକ ବିହନ ସଂରକ୍ଷକଭାବରେ ପିଢ଼ି ପରେ ପିଢ଼ି ବିହନ ଚୟନ, ଏହାର ସଂରକ୍ଷଣ ଏବଂ ବଣ୍ଟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ବିଶେଷକରି ପାରମ୍ପରିକ ବିହନ କିସମଗୁଡିକ ରାଜ୍ୟର ସଂସ୍କୃତି ଓ ପରିବେଶ ସହ ନିବିଡ ଭାବେ ଜଡ଼ିତ । ସ୍ଥାନୀୟ ବିହନ ପ୍ରଣାଳୀ ଏବଂ ଗୋଷ୍ଠୀଭିତ୍ତିକ ବିହନ ବ୍ୟାଙ୍କକୁ ସୁଦୃଢ଼ କରାଯାଇ ରାଜ୍ୟରେ ଏହି ଦେଶୀ ପାରମ୍ପରିକ କିସମଗୁଡ଼ିକୁ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରାଯାଉଅଛି, ଯାହା ଚାଷୀମାନଙ୍କ ଦ୍ୱାରା ଜଳବାୟୁ-ସହନଶୀଳ ଓ ପୁଷ୍ଟିକର ଫସଲ ଚାଷକୁ ଆପଣାଇବା ଦିଗରେ ସାହାଯ୍ୟ କରୁଛି । ବିହନ ସଂରକ୍ଷଣରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ପାରମ୍ପରିକ କୃଷି ଜ୍ଞାନକୌଶଳ ଓ ଜୈବ ବିବିଧତାକୁ ସଂରକ୍ଷିତ କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଖାଦ୍ୟ ଏବଂ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରୁଛି ।

ମହିଳା ଚାଷୀମାନେ ସଶକ୍ତ ହେଲେ ପରିବାର ଓ ସମ୍ପ୍ରଦାୟର କିପରି ସାମଗ୍ରିକ ବିକାଶ ହୁଏ, ସେସମ୍ପର୍କରେ ଏହି ପୁସ୍ତିକାରେ ସ୍ଥାନିତ ହୋଇଥିବା କାହାଣୀଗୁଡ଼ିକରେ ଦର୍ଶାଯାଇଛି । ଉନ୍ନତ କୃଷି ପଦ୍ଧତି ଆପଣାଇ, ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତ କରି ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ଏହି ମହିଳାମାନେ ଗ୍ରାମୀଣ ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଆମର କୃଷି-ଐତିହ୍ୟକୁ ବିଶ୍ୱ ଦରବାରରେ ପରିଚୟ ଦେବା ସହ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ନିରାପତ୍ତା ଓ ମହିଳାଙ୍କ ଦ୍ୱାରା ଉଦ୍ୟୋଗଗୁଡ଼ିକୁ ପରିଚାଳନା କରିବାରେ ଓଡ଼ିଶାର ନିରନ୍ତର ଅଗ୍ରସରତାକୁ ପ୍ରତିପାଦିତ କରୁଛି ।

ଏହି ପ୍ରକାଶନୀକୁ ସଫଳ ରୂପାୟନ ଦେଇଥିବାରୁ ମୁଁ ଏଥିରେ ଭାଗ ନେଇଥିବା ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ସର୍ବୋପରି ଯେଉଁ ମହିଳାମାନଙ୍କର ପ୍ରେରଣାଦାୟୀ କାହାଣୀ ମାଧ୍ୟମରେ ସାହସ, ପ୍ରତିବଦ୍ଧତା ଏବଂ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଛି, ସେମାନଙ୍କୁ ମୁଁ ସମ୍ମାନ ଜଣାଉଛି । ମହିଳା କୃଷକଙ୍କ ସଫଳତାର କାହାଣୀ ଶୀର୍ଷକ ଏହି ପୁସ୍ତକ ନୀତି ନିର୍ଦ୍ଧାରକ, ଗବେଷକମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ କାର୍ଯ୍ୟ କରିବ, ଯାହା କୃଷି କ୍ଷେତ୍ରରେ ମହିଳାମାନଙ୍କର ଭୂମିକାକୁ ସୁଦୃଢ଼ କରିବା ସହ ସମସ୍ତଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ପ୍ରେରଣା ଯୋଗାଇବ ।

(ଡ଼. ଅରବିଂଦ କୁମାର ପାଢ଼ୀ)



**ଶୁଭମ୍ ସକ୍ସେନା, ଭା. ପ୍ର. ସେ**

ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦନ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର

# ମୁଖବନ୍ଧ

ବିଗତ କିଛି ବର୍ଷ ଧରି ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟଭାବେ ଉଭା ହୋଇଛି । ଏହା ପୁଷ୍ଟି ନିରାପତ୍ତାକୁ ସୁଦୃଢ଼ କରିବା, ଜଳବାୟୁ ସହନଶୀଳତା ବୃଦ୍ଧି କରିବା ଓ ଗ୍ରାମାଞ୍ଚଳ ଜୀବନଜୀବିକାରେ ଉନ୍ନତି ଆଣିବା ଦିଗରେ ସମ୍ଭାବନା ସୃଷ୍ଟି କରିପାରିଛି । ଏହି ସଫଳତାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ମହିଳା ଚାଷୀ । ସେମାନେ ପୁଷ୍ଟିଶସ୍ୟ ଚାଷକୁ ଆପଣାଇବା ସହ ପୁଷ୍ଟିଶସ୍ୟଭିତ୍ତିକ ଉଦ୍ୟୋଗଗୁଡ଼ିକର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି । ପାରମ୍ପରିକ ଜ୍ଞାନ କୌଶଳ ଓ ଆଧୁନିକ ବଜାର ବ୍ୟବସ୍ଥାର ସଂଯୋଗୀକରଣ ମାଧ୍ୟମରେ ମୂଲ୍ୟ ଶୃଙ୍ଖଳ ବିକଶିତ କରିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ପୁଷ୍ଟିଶସ୍ୟଭିତ୍ତିକ ଜୀବିକା ଗ୍ରାମାଞ୍ଚଳ ମହିଳାମାନଙ୍କ ପାଇଁ ଆର୍ଥିକକ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିଛି । ମହିଳାମାନେ କେବଳ ଚାଷ ନୁହେଁ, ବରଂ ଗୋଷ୍ଠୀଭିତ୍ତିକ ଉଦ୍ୟୋଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରକ୍ରିୟାକରଣ, ଖାଦ୍ୟ ପ୍ରସ୍ତୁତି ଏବଂ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି । ଏହି ପ୍ରୟାସ ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିବା ସହ ସ୍ଥାନୀୟ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିଛି ଏବଂ ପାରମ୍ପରିକ ଫସଲକୁ ପ୍ରୋତ୍ସାହିତ କରିବା ଦିଗରେ ନୂତନ ପରିଚୟ ସୃଷ୍ଟି କରିଛି । ମିଲେଟ୍ କାଫେ ଏବଂ ପ୍ରକ୍ରିୟାକରଣ ୟୁନିଟ୍ ଚଳାଇବା ଠାରୁ ଆରମ୍ଭ କରି ମାଣ୍ଡିଆ ଚୁନା, ଜଳଖିଆ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ମହିଳାମାନେ ଗ୍ରାମାଞ୍ଚଳ ଉଦ୍ୟୋଗକୁ ପୁନଃପରିଭାଷିତ କରୁଛନ୍ତି ଏବଂ ପରବର୍ତ୍ତୀ ପିଢ଼ି କୃଷିକ୍ଷେତ୍ରକୁ ଜୀବିକା ଭାବରେ ଆପଣାଇବା ପାଇଁ ପ୍ରେରଣା ଦେଉଛନ୍ତି । ପୁଷ୍ଟିଶସ୍ୟ ଚାଷ ମହିଳାମାନଙ୍କୁ ଆର୍ଥିକସ୍ତରରେ ସଶକ୍ତ କରିବା ସହିତ ଜମିର ସ୍ଥାୟୀ ଉପଯୋଗ, ପାରମ୍ପରିକ ବିହନ କିସମ ସମେତ ଓଡ଼ିଶାର ସମୃଦ୍ଧ କୃଷି ଜୈବ ବିବିଧତାକୁ ସଂରକ୍ଷଣ କରିଥାଏ ।

ଏହି ପ୍ରକାଶନରେ ପୁଷ୍ଟିଶସ୍ୟ କ୍ଷେତ୍ରରେ ମହିଳାମାନଙ୍କ ସଫଳତାର ଯାତ୍ରାକୁ ଉପସ୍ଥାପନ କରାଯାଇଛି । ସାମୂହିକ କାର୍ଯ୍ୟ ଏବଂ ନିରନ୍ତର ପ୍ରୟାସ ମହିଳାମାନଙ୍କୁ ସାମାଜିକସ୍ତରରେ ସଶକ୍ତ ହେବା ସହ ପରିବର୍ତ୍ତନକାରୀ ତଥା ଉଦ୍ୟୋଗୀ ହେବାରେ ସାହାଯ୍ୟ କରୁଛି । ସେମାନଙ୍କର ଏହି ଉଲ୍ଲେଖନୀୟ ଅବଦାନ ସେମାନଙ୍କ ପରିବାରରେ ଉନ୍ନତି ଆଣିଛି ଏବଂ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାରେ ସହାୟକ ହୋଇଛି । ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀରେ ପାରମ୍ପରିକ ଫସଲର ପୁନରୁଦ୍ଧାର ମାଧ୍ୟମରେ ମହିଳା ସଶକ୍ତିକରଣକୁ କୃଷି ଅଭିବୃଦ୍ଧିର କେନ୍ଦ୍ରଭାବେ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରାଯିବ ।

ଏହି ପୁସ୍ତକରେ ସ୍ଥାନିତ ପ୍ରତ୍ୟେକ ମହିଳାଙ୍କ ଦୃଢ଼ତା ଏବଂ ଦୃଷ୍ଟିକୋଣକୁ ମୁଁ ପ୍ରଶଂସା କରୁଛି । ସେମାନଙ୍କର ସଫଳତାର କାହାଣୀଗୁଡ଼ିକ ମହିଳାମାନଙ୍କ ପ୍ରତିନିଧିତ୍ୱରେ ଚିରନ୍ତନ କୃଷି ଓ ପୁଷ୍ଟିଶସ୍ୟଭିତ୍ତିକ ଜୀବିକା ନିମିତ୍ତ ନୀତି ଓ ସହଭାଗୀତାକୁ ପ୍ରୋତ୍ସାହିତ କରିବ ତଥା ଗ୍ରାମାଞ୍ଚଳରେ ଏକ ସ୍ଥାୟୀ, ପୁଷ୍ଟି ନିରାପତ୍ତା ବ୍ୟବସ୍ଥା ଓ ସମୃଦ୍ଧ ଭବିଷ୍ୟତ ସୃଷ୍ଟି କରିବାରେ ସହାୟକ ହେବ ।

(ଶୁଭମ୍ ସକ୍ସେନା)

ଅନ୍ତର୍ଜାତୀୟ
ଶ୍ରୀ ଅନ୍ନ ଓ
ମହିଳା କୃଷକ ସମ୍ମିଳନୀ
୨୦୨୫

କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ
ମହିଳାଙ୍କ ଭୂମିକା





# ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ୨୦୨୫ ସମ୍ବନ୍ଧରେ :

'ମାଣ୍ଡିଆ ଦିବସ' ପାଳନ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ନଭେମ୍ବର ୧ ୦ ଓ ୧ ୧ ତାରିଖରେ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ' ଆୟୋଜିତ ହେଉଅଛି । ଏଥିରେ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ରହିଛି ।

ବହୁ ପୁରାତନ କାଳରୁ ଜଳବାୟୁ ସହନଶୀଳ ତଥା ପୋଷକତତ୍ତ୍ୱରେ ଭରପୁର ପୁଷ୍ଟିଶସ୍ୟ ଓଡ଼ିଶାର ଖାଦ୍ୟ ସଂସ୍କୃତି ଏବଂ କୃଷି ପ୍ରଣାଳୀ ସହ ନିବିଡ଼ ଭାବରେ ଜଡିତ । ରାଜ୍ୟର କୃଷି ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରି ବର୍ଷାପୁଷ୍ଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ପୁଷ୍ଟିଶସ୍ୟ ଚାଷକୁ ଆପଣାଇ ଜୀବିକା ନିର୍ବାହ କରିଥାନ୍ତି । ଏହି ଐତିହ୍ୟକୁ ସମ୍ମାନ ଜଣାଇ ପୁଷ୍ଟିଶସ୍ୟର ସାଂସ୍କୃତିକ, ପୁଷ୍ଟିକର ଏବଂ ପରିବେଶଗତ ଗୁରୁତ୍ୱକୁ ସ୍ୱୀକୃତି ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ୧ ୦ ତାରିଖକୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଅଛି ।

ମାଣ୍ଡିଆ ଦିବସରେ କେବଳ ପାରମ୍ପରିକ ଖାଦ୍ୟାଭାସର ପୁନରୁଦ୍ଧାର ନୁହେଁ ବରଂ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶାର ପ୍ରତିନିଧିତ୍ୱକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ । ଏହା ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ଜଳବାୟୁ-ସହନଶୀଳ ଚାଷ, ଖାଦ୍ୟ, ପୁଷ୍ଟି ନିରାପତ୍ତା ଏବଂ ଗ୍ରାମୀଣ ଜୀବନଜୀବିକାକୁ ସୁଦୃଢ଼ କରିବାରେ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ।

ପୁଷ୍ଟିଶସ୍ୟ ହେଉଛି ଜଳବାୟୁ ସହନଶୀଳ ଫସଲ ଏବଂ ପୋଷକତତ୍ତ୍ୱର ଭଣ୍ଡାର । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ ପୁଷ୍ଟିଶସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହା ବିଶେଷକରି ବର୍ଷାପୃଷ୍ଟ ଅଞ୍ଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଦ୍ୱାରା ଚାଷ କରାଯାଇଥାଏ । ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଚାଷୀ, ଯେଉଁମାନେ ବିହନ ସଂରକ୍ଷଣ, ଫସଲ ପରିଚାଳନା ଏବଂ ସ୍ଥାନୀୟ ଖାଦ୍ୟ ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ଜାତୀୟ ଖାଦ୍ୟ ତାଲିକାରେ ପୁଷ୍ଟିଶସ୍ୟ (ଶ୍ରୀ ଅନ୍ନ)କୁ ପୁନରୁଦ୍ଧାର କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାରଙ୍କ ପକ୍ଷରୁ "ଶ୍ରୀ ଅନ୍ନ ଅଭିଯାନ" ଆରମ୍ଭ କରାଯାଇଛି । ଏହା ଓଡ଼ିଶାର ୩୦ଟି ଜିଲ୍ଲାର ୧୭୭ଟି ବର୍ଷାପୁଷ୍ଟ ବ୍ଲକରେ ପାରମ୍ପରିକ ଜ୍ଞାନ କୌଶଳ ଏବଂ ଆଧୁନିକ ପଦ୍ଧତିର ସମନ୍ୱୟରେ ଏହି ସମ୍ପ୍ରଦାୟଗୁଡ଼ିକୁ ନ୍ୟାୟ ଏବଂ ସମାନତା ପ୍ରଦାନ କରୁଛି।

"ଶ୍ରୀ ଅନ୍ନ ଅଭିଯାନ"ର ପ୍ରମୁଖ ଉଦ୍ଦେଶ୍ୟଗୁଡିକ ହେଉଛି ଘରୋଇସ୍ତରରେ ପୁଷ୍ଟିଶସ୍ୟର ବ୍ୟବହାର ବୃଦ୍ଧି, ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର, ପୁଷ୍ଟିଶସ୍ୟ ଭୂ-ପ୍ରଜାତି/ ଦେଶୀ ବିହନ କିସମର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦେବା, ପୁଷ୍ଟିଶସ୍ୟର ଅମଳ ପରବର୍ତ୍ତୀ ଏବଂ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା, ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରି ପୁଷ୍ଟିଶସ୍ୟ ଫସଲର ଉତ୍ପାଦକତା ସହ ଉତ୍ପାଦନ ବୃଦ୍ଧି କରିବା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅନ୍ୟାନ୍ୟ ସରକାରୀ ଯୋଜନାଗୁଡିକରେ ପୁଷ୍ଟିଶସ୍ୟକୁ ଅନ୍ତର୍ଭୁକ୍ତ କରିବା । ମହିଳା ଚାଷୀମାନେ ଏହି ପଦକ୍ଷେପର କେନ୍ଦ୍ରବିନ୍ଦୁ ଅଟନ୍ତି ଏବଂ ସେମାନେ ଗୋଷ୍ଠୀଭିତ୍ତିକ ଉଦ୍ୟୋଗଗୁଡ଼ିକରେ ପ୍ରତିନିଧିତ୍ୱ, ବିହନ କେନ୍ଦ୍ର ପରିଚାଳନା, ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପରିଚାଳନା ଏବଂ ସ୍ଥାନୀୟ ଖାଦ୍ୟ ବ୍ୟବସାୟ ମାଧ୍ୟମରେ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମ କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସହଭାଗିତାରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଅଛି ।



ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ "ଶ୍ରୀ ଅନ୍ନ ଅଭିଯାନ"ର ଢାଞ୍ଚାକୁ ମାନ୍ୟତା ଦେବା ସହ ଆଫ୍ରିକାର ଅନ୍ୟ ରାଜ୍ୟ ତଥା ଦେଶରେ ଏହି ଢାଞ୍ଚାକୁ କାର୍ଯ୍ୟକାରୀ କରିବା ନେଇ ଅଭିହିତ କରିଛନ୍ତି । ଭାରତ ସରକାର ଓ ନୀତି ଆୟୋଗ, "ଶ୍ରୀ ଅନ୍ନ ଅଭିଯାନ"କୁ ସର୍ବୋତ୍ତମ ମଡ଼େଲ ଭାବରେ ସ୍ୱୀକୃତି ପ୍ରଦାନ କରିବା ସହ ଦେଶର ଅନ୍ୟ ରାଜ୍ୟ ତଥା ଆଫ୍ରିକୀୟ ଦେଶଗୁଡିକରେ ପୁଷ୍ଟିଶସ୍ୟର ପ୍ରଚାର ଓ ପ୍ରସାର ପାଇଁ ଏହି ଅଭିଯାନର ଢାଞ୍ଚାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି ।

ଓଡ଼ିଶାର କୃଷି ଜୈବ ବିବିଧତା ଏବଂ କୃଷି-ଐତିହ୍ୟ ଏହାର ପାରମ୍ପରିକ କୃଷି ପ୍ରଣାଳୀ ଏବଂ ଆଦିବାସୀ ଜ୍ଞାନ କୌଶଳ ଗଭୀରଭାବେ ନିହିତ ଅଟେ । ରାଜ୍ୟରେ ୧୦ଟି ସ୍ୱତନ୍ତ୍ର କୃଷି-ଜଳବାୟୁ ଅଞ୍ଚଳ ରହିଅଛି, ଯାହା ବିଭିନ୍ନ ଜିଲ୍ଲାଗୁଡ଼ିକରେ ମୃତ୍ତିକାର ପ୍ରକାରଭେଦ, ବର୍ଷା ଢାଞ୍ଚା, ସ୍ଥଳ ଭାଗ ଏବଂ ଫସଲ ପ୍ରଣାଳୀର ପରିବର୍ତ୍ତନ ଦ୍ୱାରା ପରିଭାଷିତ। ବହୁବର୍ଷ ଧରି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଚାଷୀମାନେ ପୁଷ୍ଟିଶସ୍ୟଠାରୁ ଆରମ୍ଭ କରି ଧାନ, ଡାଲି, ତୈଳବୀଜ, ଔଷଧୀୟ ତଥା ବିଲୁପ୍ତପ୍ରାୟ ଏବଂ ଅବହେଳିତ ପ୍ରଜାତିର ଉଦ୍ଭିଦ ଗୁଡ଼ିକର ଆନୁବଂଶିକ ଭଣ୍ଡାରର ରକ୍ଷଣାବେକ୍ଷଣ କରିଆସିଛନ୍ତି । ଏହି ଐତିହ୍ୟ ଗୋଷ୍ଠୀଭିତ୍ତିକ ବିହନ ବ୍ୟାଙ୍କ, ପର୍ବପର୍ବାଣି ଏବଂ ରୀତିନୀତି ମାଧ୍ୟମରେ ସଂରକ୍ଷିତ ହୋଇଛି, ଯାହା କେବଳ ଫସଲ ବିବିଧତା ନୁହେଁ ବରଂ ଖାଦ୍ୟ ସଂସ୍କୃତି, ସ୍ଥାନୀୟ ଅର୍ଥନୀତି ଏବଂ ପରିବେଶଗତ ସ୍ଥାୟିତ୍ୱକୁ ମଧ୍ୟ ବଜାୟ ରଖେ । ବିଶେଷକରି ମହିଳା ଚାଷୀମାନେ ଏହି ପରମ୍ପରାର ସଂରକ୍ଷକ ହୋଇ ସେମାନେ ବିହନ ବିଶୋଧନକୁ ସୁନିଶ୍ଚିତ କରିବା, ପରିବର୍ତ୍ତିତ ଜଳବାୟୁ ସହିତ କିସମଗୁଡ଼ିକୁ ଖାପ ଖୁଆଇବା ଏବଂ ପିଢ଼ି ପରେ ପିଢି ଜ୍ଞାନ ପ୍ରଦାନ କରିଥାନ୍ତି । ଯାହା ଓଡ଼ିଶାକୁ ଜୈବ ବିବିଧତା-ଆଧାରିତ କୃଷି ମଡେଲରେ ପରିଣତ କରିଛି ।

ବିଶ୍ୱସ୍ତରରେ ଏହା ଆହୁରି ଅଧିକ ଗୁରୁତ୍ୱ ବହନ କରେ। କୃଷି କ୍ଷେତ୍ରରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ପ୍ରଦାନ କରି ଲିଙ୍ଗଗତ ସମାନତା ଏବଂ ସଶକ୍ତିକରଣ ଦିଗରେ ଅଧିକ ପଦକ୍ଷେପ ନେବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୨୬ ମସିହାକୁ 'ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଭାବରେ ଘୋଷଣା କରାଯାଇଛି । ମହିଳା ଚାଷୀମାନେ କେବଳ ଉତ୍ପାଦକ ନୁହଁନ୍ତି ବରଂ ସେମାନେ ନବସୃଜନ, ନିଷ୍ପତ୍ତି ଗ୍ରହଣ ଏବଂ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ଗଠନ ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ।

ଓଡ଼ିଶାର ମାଣ୍ଡିଆ ଦିବସକୁ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ସହିତ ସଂଯୋଗ କରି ଏହି ଆଲୋଚନାଚକ୍ରରେ ତୃଣମୂଳସ୍ତର ମତାମତକୁ ଅନ୍ତର୍ଭୁକ୍ତ କରିବା, ବିଶ୍ୱସ୍ତରୀୟ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଜଳବାୟୁ ସହନଶୀଳ ଚାଷ ଓ ଜୈବ ବିବିଧତା ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାକୁ ଏକ ଅଗ୍ରଣୀ ଭାବରେ ପ୍ରଦର୍ଶନ କରିବାର ଲକ୍ଷ୍ୟ ରହିଛି ।

ଏହି ସମ୍ମିଳନୀରେ ଚାଷୀ, ନୀତି ନିର୍ଦ୍ଧାରକ, ଗବେଷକ, ନାଗରିକ ସମାଜ ସଂଗଠନ ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନେ ଏକତ୍ରିତ ହୋଇ କୃଷି କ୍ଷେତ୍ରରେ ମହିଳାମାନଙ୍କର ଭୂମିକାକୁ ସୁଦୃଢ଼ କରିବା ପାଇଁ ଅଭିଜ୍ଞତାର ଆଦାନପ୍ରଦାନ କରିବା ସହ ରଣନୀତି ଉପରେ ଆଲୋଚନା କରିବେ । ଅଧିବେଶନଗୁଡିକରେ ପୁଷ୍ଟିଶସ୍ୟର ପ୍ରୋତ୍ସାହନ, ଦେଶୀ କିସମର ସଂରକ୍ଷଣ, ମୂଲ୍ୟ ଶୃଙ୍ଖଳ ବିକାଶ ଏବଂ ଲିଙ୍ଗଗତ ସମାନତା ନୀତି ଏବଂ କୃଷି ଜୈବ ବିବିଧତାର କର୍ତ୍ତା ଓ ଗ୍ରାମୀଣ ପରିବର୍ତ୍ତନର ଚାମ୍ପିଅନ ଭାବରେ ମହିଳାମାନଙ୍କ ସଶକ୍ତିକରଣର ନବସୃଜନ ଉପରେ ଆଲୋକପାତ କରାଯିବ।

'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ୨୦୨୫ ' ମାଧ୍ୟମରେ ଏକ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ନେଇ ଲକ୍ଷ୍ୟ ରହିଛି । ଏହା କୃଷି-ଜୈବ ବିବିଧତା ସଂରକ୍ଷଣ, ବିହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମ୍ପ୍ରଦାୟ ପରିବର୍ତ୍ତନକୁ ଆଗେଇ ନେବାରେ ମହିଳା ଚାଷୀଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଗୁରୁତ୍ୱାରୋପ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟି ନିରାପତ୍ତା, ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଏବଂ ଲିଙ୍ଗଗତ ନୀତି ଢାଞ୍ଚା ଉପରେ ଆଲୋଚନା ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ଥାୟୀ, ସମାନ ଏବଂ ସ୍ୱାସ୍ଥ୍ୟ ଅଭିମୁଖୀ କୃଷି ପରିସଂସ୍ଥା ଗଠନ କରିବା ନେଇ ଆଶା କରାଯାଏ ।



# ସୂଚୀପତ୍ର


୧. **ସୁକୁରୀ ଓଡ଼ାରୀ** | ମାଣ୍ଡିଆ ଦେଖାଇଲା ଦିବ୍ୟାଙ୍ଗ ସୁକୁରୀଙ୍କୁ ଜୀବନର ନୂଆ ଦିଶା ---- ୧

୨. **ତୁଲା ଦଳେଇ** | ମାଣ୍ଡିଆ ଚାଷ କରି 'ତୁଲା' ସାଜିଛନ୍ତି ପ୍ରେରଣାଦାୟୀ ---- ୩

୩. **କନ୍ଧମାଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ** | ଟାଙ୍ଗରା ଭୂଇଁରେ ମାଣ୍ଡିଆ ଚାଷ ମହିଳା ଏସଏଚ୍‌ଜିଙ୍କ ମୁହଁରେ ହସ ---- ୫

୪. **ସୁବାସା ମହନ୍ତ** | 'ମାଣ୍ଡିଆ ମା' ସୁବାସାଙ୍କ ପ୍ରେରଣାଦାୟକ ଯାତ୍ରା ---- ୭

୫. **ଡ଼. ରାଇମତୀ ଘିଉରିଆ** | ଜି-୨୦ ସମ୍ମିଳନୀରେ ଓଡ଼ିଶାର ଗୌରବ ରାଇମତୀ ଘିଉରିଆ ---- ୯

୬. **ନାରୀ ଶକ୍ତି କୃଷକ ଉତ୍ପାଦକ ଉତ୍ପାଦକ ସଂଗଠନ** | କୃଷକ ଉତ୍ପାଦକ ସଂଗଠନ ପାଇଁ ବରଦାନ ସାଜିଛି ଶ୍ରୀ ଅନ୍ନ ଅଭିଯାନ ---- ୧୧

୭. **ଜ୍ୟୋସ୍ନା ସ୍ୱାଇଁ** | ମାଣ୍ଡିଆ ଚାଷର ମହତ ଜ୍ୟୋସ୍ନାଙ୍କ ପଥ ଆଲୋକିତ ---- ୧୩

୮. **ଶ୍ୟାମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ** | ମହିଳାଙ୍କୁ ସଶକ୍ତ କରିଛି ମିଲେଟ୍ ଶକ୍ତି କାଫେ ଶ୍ୟାମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀ ---- ୧୫

୯. **କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ** | ମହିଳା ସଶକ୍ତିକରଣରେ ଶ୍ରୀ ଅନ୍ନ ଅଭିଯାନ ଆଣିଛି ନୂତନ ସମ୍ଭାବନା, ବାସ୍ତବ ରୂପ ନେଉଛି ପ୍ରଧାନମନ୍ତ୍ରୀଙ୍କ ଲକ୍ଷପତି ଦିଦି ଯୋଜନା ---- ୧୭

୧୦. **ଗଙ୍ଗାବାଈ ସୁଆର** | ଶ୍ରେଷ୍ଠ ମହିଳା ମାଣ୍ଡିଆ ଚାଷୀ ଗଙ୍ଗାବାଈ ସୁଆର ---- ୧୯

୧୧. **ଜ୍ୟୋତି ଡାଙ୍ଗ** | ମାଣ୍ଡିଆ ଚାଷ କରିଛି ଜ୍ୟୋତିଙ୍କ ପଥ ଆଲୋକିତ ---- ୨୧

୧୨. **ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ** | ମହିଳାଙ୍କ କ୍ଷେତ୍ରରେ ପରିବର୍ତ୍ତନ ପ୍ରଗତିର ପଥେ ନୂଆ ଉଡ଼ାଣ ---- ୨୩

୧୩. **କୁଡ଼େଲାଡୁ ଯାନି** | ବିଲୁପ୍ତପ୍ରାୟ ମାଣ୍ଡିଆ କିସମ ସରଂକ୍ଷଣ ନିଶାରେ କୁଟିଆ କନ୍ଧ ମହିଳା ---- ୨୫

୧୪. **'ମା' ପୂର୍ଣ୍ଣମାସୀ ସ୍ୱୟଂ ସହାୟକ ଗୋଷ୍ଠୀ** | ଜୈବିକ ଖତ ପ୍ରସ୍ତୁତି ବଦଳାଇଛି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକସ୍ଥିତି ---- ୨୭

୧୫. **ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ** | ମହିଳାମାନଙ୍କୁ ନେଇ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ ---- ୨୯

୧୬. **ଦଶେରୀ ଉତ୍ପାଦକ ସଂଗଠନ ଲିମିଟେଡ୍** | ଶ୍ରମିକରୁ ସଫଳ ମାଣ୍ଡିଆ ଉଦ୍ୟୋଗୀ: କେନ୍ଦୁଝର ଦଶେରୀ ଉତ୍ପାଦକ ସଂଗଠନ ---- ୩୧

୧୭. **ସୁଭଦ୍ରା ଧଳ** | ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇଛି ପୁଷ୍ଟିଶସ୍ୟ ---- ୩୩

୧୮. **ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ** | ଧନଲକ୍ଷ୍ମୀ ଏସ୍‌ଏଚ୍‌ଜି ମହିଳାଙ୍କୁ ରୋଜଗାରର ରାହା ଦେଖାଇଛି 'ମିଲେଟ୍ ଟିଫିନ୍ ସେଣ୍ଟର' ---- ୩୫

୧୯. **'ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ** | ପଦ୍ମପୁରର ଗୌରବ: ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ---- ୩୭

୨୦. **କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ** | ନାରୀ ସଶକ୍ତିକରଣର ଉଦାହରଣ ସାଜିଛନ୍ତି: କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ---- ୩୯

୨୧. **ପ୍ରଭୂଦ୍ଧ ଭାରତ ସ୍ୱୟଂ ସହାୟକ ଗୋଷ୍ଠୀ** | ମହିଳାଙ୍କ ଦ୍ୱାରା ଜୈବିକ ଖତ ଦେଖାଇଛି ରୋଜଗାରର ପଥ ---- ୪୧

୨୨. **ସାବେରୀ ସେତୁ କୃଷକ ଉତ୍ପାଦକ କମ୍ପାନୀ** | ଚାଷୀଙ୍କୁ ସଶକ୍ତ କରୁଛି କୃଷି ଯନ୍ତ୍ରପାତି ଭଡା କେନ୍ଦ୍ର ---- ୪୩

୨୩. **ଶଶୀଧର ପୋଢ଼** | ନୂଆପଡ଼ାର ଶଶୀଧର: ଦାଦନ ଛାଡି ହେଲେ ସଫଳ ମାଣ୍ଡିଆ ଚାଷୀ ---- ୪୫

୨୪. **ସୁଖଦେବ ସିଲପାଡ଼ିଆ** | ସଫଳ ଚାଷୀ ସୁଖଦେବଙ୍କର ପଲ୍ଲୀରୁ ଦିଲ୍ଲୀ ଯାତ୍ରା ---- ୪୭

୨୫. **କାନ୍ଦଗରୀ ନାଇଡୁ** | କାନ୍ଦଗରୀଙ୍କ ପାଇଁ ଶ୍ରୀ ଅନ୍ନ ଅଭିଯାନ ଆଣିଛି ନୂତନ ସମ୍ଭାବନା ---- ୪୯




# ୧ | ମାଣ୍ଡିଆ ଦେଖାଇଲା ଦିବ୍ୟାଙ୍ଗ ସୁକୁରୀଙ୍କୁ ଜୀବନର ନୂଆ ଦିଶା

ଭିନ୍ନକ୍ଷମ ହେଲେ ବି ସେ ସଶକ୍ତ । ଦିବ୍ୟାଙ୍ଗ ବୋଲି ଘର କୋଣରେ ନ ବସି ସମାଜର ରୀତିନୀତି ଓ ଲୋକଙ୍କ ଟାହି ଟାପରାକୁ ଖାତିର ନ କରି ସଂଗ୍ରାମ ଜାରି ରଖିଛନ୍ତି । ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜ ଗୋଡ଼ରେ ଛିଡା ହେବା ପାଇଁ ସେ ପ୍ରତିଜ୍ଞାବଦ୍ଧ । ଦିବ୍ୟାଙ୍ଗ ଏକାକିନୀ ମହିଳା ହୋଇ ମଧ୍ୟ ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ପରିବର୍ତ୍ତନର ରାହା । ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନର ସହାୟତାରେ ସେ ହୋଇଛନ୍ତି ସ୍ୱାବଲମ୍ବୀ । ନିଜ ଗାଁ ତଥା ଆଖପାଖ ଗାଁରେ ସେ ପାଲଟିଛନ୍ତି ଏକ ଉଦାହରଣ । ଭିନ୍ନକ୍ଷମ ହେଲେ ବି ଚାଷକୁ ବୃତ୍ତିଭାବେ ଆପଣାଇଛନ୍ତି । କ୍ଷେତରେ ମାଣ୍ଡିଆ ହସିବା ସହ ତାଙ୍କ ମୁହଁରେ ହସ ଫୁଟିଛି । ଜୀବନ ସଂଘର୍ଷରେ ନିଜର ସ୍ଥିତି ଜାହିର କରି ସମସ୍ତଙ୍କ ପାଇଁ ପାଲଟିଛନ୍ତି ପ୍ରେରଣଦାୟୀ ।

ପ୍ରତିଦିନ ସୂର୍ଯ୍ୟୋଦୟ ହେବା ପୂର୍ବରୁ ସୁକୁରିଙ୍କ ଦିନ ଆରମ୍ଭ ହୁଏ ଏବଂ ଆତ୍ମବିଶ୍ୱାସର ସହିତ ତାଙ୍କ ଚାଷକ୍ଷେତକୁ ଯାଆନ୍ତି । ସେ ନିଷ୍ଠାର ସହିତ ଚାଷକ୍ଷେତରେ କାମ କରି ସନ୍ଧ୍ୟାରେ ଘରକୁ ଫେରନ୍ତି । ମାଣ୍ଡିଆ ଚାଷ କ୍ଷେତରେ ତାଙ୍କର କଠିନ ପରିଶ୍ରମକୁ ଦେଖି ଗାଁ ଲୋକେ ପ୍ରଶଂସା କରୁଛନ୍ତି । ସୁକୁରି ତାଙ୍କର ଦିବ୍ୟାଙ୍ଗତାକୁ ଶକ୍ତିରେ ପରିଣତ କରିଛନ୍ତି ଏବଂ ତାଙ୍କ କ୍ଷେତ ସୁନାର ଫସଲ ଫଳାଇଛନ୍ତି।

କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ଡଲିଗୁଡା ଗ୍ରାମର ସୁକୁରୀ ଓଡ଼ାରୀ । ବୟସ ୩୫ ବର୍ଷ । ପିଲାଟିଦିନରୁ ସେ ଭିନ୍ନକ୍ଷମ । କଥା କହିବା, ଶୁଣିବା ଏବଂ ନିଜ ଭାବନାକୁ ପରିପ୍ରକାଶ କରିବାରେ ସେ ଅକ୍ଷମ । ଦୃଢ ଇଚ୍ଛାଶକ୍ତି ଓ ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ସହଯୋଗରେ ଆଜି ସେ ଆତ୍ମନିର୍ଭରଶୀଳ। ନିଜର ଅଦମ୍ୟ ପରିଶ୍ରମ ବଳରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ମାଣ୍ଡିଆ ଚାଷ କରି କ୍ଷେତରେ ଫଳାଇଛନ୍ତି ସୁନାର ଫସଲ । ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ କରିବାର ପ୍ରଶିକ୍ଷଣ ନେଇଛନ୍ତି । କେବଳ ଅନ୍ୟର ଠାରରେ କଥା ବୁଝୁଥିବା ସୁକୁରୀ ୨ ଏକରରେ ମାଣ୍ଡିଆ ଚାଷ କରି ବେଶ୍ ସଫଳ ହୋଇପାରିଛନ୍ତି । ଉନ୍ନତ ପଦ୍ଧତିରେ ମାଣ୍ଡିଆ ଚାଷ ସମ୍ପର୍କରେ ତାଙ୍କ ଭାଉଜ ତାଙ୍କୁ ଜଣାଇଥିଲେ । ଗତବର୍ଷ ୨୫ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ସେଥିରୁ ୧୫କୁଇଣ୍ଟାଲ ମଣ୍ଡିରେ ବିକ୍ରି କରିଛନ୍ତି । ଏଥିପାଇଁ ସେ ୬୭ହଜାର ୫ ଶହରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଛନ୍ତି । ଚାଷଜମିରେ ଜୈବିକ ଖତ ପ୍ରୟୋଗ କରିଥାନ୍ତି । ଭିନ୍ନକ୍ଷମ ବୋଲି ଅନ୍ୟ ଉପରେ ନିର୍ଭର ନ ହୋଇ ସ୍ୱାବଲମ୍ବନର ରାହା ଆପଣାଇଛନ୍ତି ସେ । ମାଣ୍ଡିଆ ଚାଷ କାମ ସହିତ ସିଲାଇ କାମ ମଧ୍ୟ କରି ମାସକୁ ୬-୧୦ ହଜାର ଟଙ୍କା ରୋଜଗାର କରୁଛନ୍ତି ।

ଏସମ୍ପର୍କରେ ସୁକୁରୀଙ୍କ ଭାଉଜ ସୁକାନ୍ତୀ ଓଡାରୀ କୁହନ୍ତି, ଛୁଆଟିବେଳୁ ସୁକୁରୀ କଥା କହିପାରନ୍ତିନାହିଁ କି ଶୁଣିପାରନ୍ତି ନାହିଁ । ଏଥିପାଇଁ ଗାଁଲୋକଙ୍କ ବହୁ ଟାହି ଟାପରା ତାଙ୍କୁ ଶୁଣିବାକୁ ମିଳିଥାଏ । ହେଲେ ଜୈବିକ ମାଣ୍ଡିଆ ଚାଷ ତାଙ୍କୁ ନୂଆ ଦିଶା ଦେଖାଇଛି । ଭିନ୍ନକ୍ଷମ ହେଲେ ବି ଆମ ଉପରେ କେବେ ନିର୍ଭର ହୋଇନାହାଁନ୍ତି । ବର୍ତ୍ତମାନ ସେ ଆମ ଗ୍ରାମରେ ଅନ୍ୟମାନଙ୍କ ପାଇଁ ରୋଲ ମଡେଲ ସାଜିଛି । ଶ୍ରୀ ଅନ୍ନ ଅଭିଯାନ ତାଙ୍କ ପାଇଁ ବରଦାନ ସାଜିଛି ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପୁଷ୍ଟିଶସ୍ୟକୁ କ୍ଷେତ ତଥା ଖାଦ୍ୟଥାଳିରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ଅଭିଯାନ ତରଫରୁ ନିଆଯାଉଛି ପଦକ୍ଷେପ । ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଶ୍ରୀ ପଦ୍ଧତିରେ ପୁଷ୍ଟିଶସ୍ୟ ଚାଷ କରି ଅଧିକ ଉତ୍ପାଦନ ପାଇଁ ଦିଆଯାଉଛି ପ୍ରଶିକ୍ଷଣ । ସୁକୁରୀ ଏହି ପ୍ରଶିକ୍ଷଣ ପାଇ ସଫଳତାର ପଥରେ ଆଗେଇଚାଲିଛନ୍ତି । ଭିନ୍ନକ୍ଷମ ହୋଇଥିବାରୁ ଥଟ୍ଟା ପରିହାସ କରୁଥିବା ଗାଁର ଲୋକେ ଆଜି ଚାଷକ୍ଷେତ୍ରରେ ସୁକୁରୀଙ୍କ ସଫଳତାକୁ ଦେଖି ଆଶ୍ଚର୍ଯ୍ୟ । ବାପାମା' ଚାଲିଯିବାପରେ ଭାଇଭାଉଜଙ୍କ ଉପରେ ବୋଝ ନ ପାଲଟି ସେ ନିଜ ଉଦ୍ୟମରେ ସଫଳ ହୋଇପାରିଛନ୍ତି ।



ମାଲକାନଗିରି



# ୨ | ମାଣ୍ଡିଆ ଚାଷ କରି 'ତୁଲା' ସାଜିଛନ୍ତି ପ୍ରେରଣାଦାୟୀ

ପ୍ରତ୍ୟେକ କଠିନତାକୁ ସାମ୍ନା କରି ଆଗକୁ ବଢିବାର ଦୃଢ ଇଚ୍ଛାଶକ୍ତି ତାଙ୍କୁ ବଞ୍ଚିବାର ରାହା ଦେଖାଇଛି । ତାଙ୍କର ସଂଘର୍ଷର କାହାଣୀ ଅଧିକ ପ୍ରେରଣାଦାୟୀ । ପକ୍ଷାଘାତରେ ଆକ୍ରାନ୍ତ ସ୍ୱାମୀଙ୍କ ବୋଝ ସମ୍ଭାଳିବା ସହ ମାଣ୍ଡିଆ ଚାଷ କରି ସେ ହୋଇପାରିଛନ୍ତି ଆର୍ଥିକ ସ୍ୱଚ୍ଛଳ। ଅନେକ ବାଧା ପ୍ରତିବନ୍ଧକକୁ କାଟି ଚାଷ କ୍ଷେତରେ ନିଜର ଅଧ୍ୟବସାୟ ଜାରି ରଖି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏମିତି ଜଣେ ପ୍ରେରଣାଦାୟୀ ସଫଳ ମହିଳା ଚାଷୀ ହେଉଛନ୍ତି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ରାମପୁର ଗ୍ରାମର ତୁଲା ଦଳେଇ ।

ଦୀର୍ଘ ୪ବର୍ଷ ତଳେ ସ୍ୱାମୀ ହଠାତ୍ ପକ୍ଷାଘାତରେ ପୀଡ଼ିତ ହେଲେ । ଆଉ ସେହିଦିନଠାରୁ ଆରମ୍ଭ ହୋଇଥିଲା ତୁଲାଙ୍କ ସଂଘର୍ଷମୟ ଜୀବନ । ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ରାମପୁର ଗାଁରେ ସ୍ୱାସ୍ଥ୍ୟସେବା ଏବଂ ଜୀବିକା ନିର୍ବାହର ସୁବିଧା ସୁଯୋଗ ଅଧିକାଂଶ ପରିବାର ପାଇଁ ଏକ କଷ୍ଟକର ହୋଇପଡେ । ସେହି ସମୟରେ ସ୍ୱାମୀଙ୍କ ଚିକିତ୍ସା କରିବା ଓ ପିଲାମାନଙ୍କୁ କେମିତି ପାଠ ପଢାଇବେ ସେହି ଚିନ୍ତାରେ ପଡ଼ିଗଲେ ସେ । ଶେଷରେ ଉପାୟଶୂନ୍ୟ ହୋଇ ସ୍ୱାମୀଙ୍କ ଚାଷ କାମକୁ ନେଲେ। ଝିଅ ଓ ପୁଅଙ୍କୁ ପାଳିପୋଷି ମଣିଷ କରିବାର ଦାୟିତ୍ୱ ପଡିଲା ତାଙ୍କ ଉପରେ। ସବୁ ସମସ୍ୟା ଓ ପ୍ରତିବନ୍ଧକକୁ ପାଦରେ ଏଡ଼ାଇ ମାଣ୍ଡିଆ ଚାଷ କରି ପରିବାର ପ୍ରତିପୋଷଣର ରାହା ପାଇଲେ ।

ପୂର୍ବର ପାରମ୍ପରିକ ମାଣ୍ଡିଆ ଚାଷ କରି ୧୦-୧୨ କୁଇଣ୍ଟାଲ ମାଣ୍ଡିଆ ଅମଳ କରୁଥିଲେ । ମାତ୍ର ପରେ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ପ୍ରୋତ୍ସାହନ ସହ ଏସଏମ୍ଆଇ ପଦ୍ଧତିରେ ଉନ୍ନତ ମାଣ୍ଡିଆ ଚାଷ କରିବା ପାଇଁ ପ୍ରଶିକ୍ଷଣ ପାଇଲେ । ନିଜର ୫ଏକର ଜମିରେ ମାଣ୍ଡିଆ ଚାଷ କରି ସେ ଲାଭବାନ ଓ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଅଧିକନ୍ତୁ ଶ୍ରୀ ଅନ୍ନ ଅଭିଯାନ ପ୍ରଶିକ୍ଷଣରୁ ସେ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣିବା ପ୍ରଣାଳୀ, ଧାଡ଼ି ରୁଆ, ଘାସ ବଛା କାମ ଆଦି ବିଷୟରେ ଅବଗତ ହୋଇଥିଲେ ।

୨୦୨୪-୨୫ ବର୍ଷରେ ସେ ୩୦ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ସେଥିରୁ ୨୦ କୁଇଣ୍ଟାଲ ମଣ୍ଡିରେ ବିକ୍ରି କରିଥିଲେ । ଏଥିପାଇଁ ସେ ୯୦,୦୦୦ ଟଙ୍କା ପାଇ ଲାଭବାନ ହୋଇପାରିଛନ୍ତି । ବଳକା ୧୦ କୁଇଣ୍ଟାଲ ମାଣ୍ଡିଆକୁ ଘରେ ଖାଇବା ପାଇଁ ରଖିଛନ୍ତି । ମାଣ୍ଡିଆ ବିକ୍ରି କରି ପାଇଥିବା ଟଙ୍କାରେ ପରିବାର ଚଳାଇବା ସହ ସ୍ୱାମୀଙ୍କ ଚିକିତ୍ସା କରିପାରୁଛନ୍ତି । ନିଜେ ସଂରକ୍ଷିତ କରି ରଖିଥିବା ମାଣ୍ଡିଆ ବିହନକୁ ଚାଷକ୍ଷେତରେ ବୁଣିଥିଲେ । ମାଣ୍ଡିଆ ଚାଷ ପାଇଁ ସରକାରୀ ସହାୟତା ପାଇ ତୁଲା ମାଣ୍ଡିଆ ଚାଷକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହାସହିତ ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିର ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି । ମାଣ୍ଡିଆ ରସଗୋଲା, ମୁଡ଼ୁକୀ, ପିଠା, ମାଣ୍ଡୁରୁ ଆଦି ପ୍ରସ୍ତୁତ କରି ବିଭିନ୍ନ ଖାଦ୍ୟମେଳା ଓ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି । ଏଥିପାଇଁ ସେ ମାଲକାନଗିରିର ବୋଡ଼ପଡ଼ା ଫୁଡ୍ ଫେଷ୍ଟିଭାଲ୍‌ରେ ବେଷ୍ଟ ଫୁଡ୍ ଆଇଟମ୍ ପାଇଁ ପୁରସ୍କୃତ ହୋଇଛନ୍ତି ।

ନିଜର ସଫଳତାର କାହାଣୀ ବଖାଣି ତୁଲା କୁହନ୍ତି, ସ୍ୱାମୀଙ୍କ ପକ୍ଷାଘାତ ପରେ ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଇଥିଲା । ସ୍ୱାମୀଙ୍କ ଜୀବନ ରକ୍ଷା କରିବା ଓ ପିଲାମାନଙ୍କ ବୋଝ ମୁଣ୍ଡାଇବା ପାଇଁ ଚାଷ କାମକୁ ଆପଣାଇଥିଲି । ଆଉ ଏହି ମାଣ୍ଡିଆ ଆମ ପରିବାରକୁ ରୋଜଗାର ଦେବା ସହ ମୋ ସ୍ୱାମୀଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇଛି । ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରି ମାଣ୍ଡିଆକୁ ଆମେ ଘରେ ଦୈନିକ ଖାଉଛୁ । ଶ୍ରୀ ଅନ୍ନ ଅଭିଯାନ ତରଫରୁ ଗ୍ରାମାଞ୍ଚଳରରେ ମୋ ଭଳି ଅନେକ ମହିଳାଙ୍କୁ ସହାୟତା ଯୋଗାଇଦିଆଯାଇଛି । ପୂର୍ବରୁ ମାଣ୍ଡିଆ ବିକ୍ରି କରିବା ପାଇଁ ବହୁ ସମସ୍ୟା ହେଉଥିଲା । ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା ହେବା ପରେ ସୁବିଧାରେ ମାଣ୍ଡିଆ ବିକ୍ରି ହେବା ସହ ଅଧିକ ଲାଭ ମିଳୁଛି ।

ନିଜର ସଫଳତାର କାହାଣୀ ବଖାଣି ତୁଲା କୁହନ୍ତି, ସ୍ୱାମୀଙ୍କ ପକ୍ଷାଘାତ ପରେ ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଇଥିଲା । ସ୍ୱାମୀଙ୍କ ଜୀବନ ରକ୍ଷା କରିବା ଓ ପିଲାମାନଙ୍କ ବୋଝ ମୁଣ୍ଡାଇବା ପାଇଁ ଚାଷ କାମକୁ ଆପଣାଇଥିଲି । ଆଉ ଏହି ମାଣ୍ଡିଆ ଆମ ପରିବାରକୁ ରୋଜଗାର ଦେବା ସହ ମୋ ସ୍ୱାମୀଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇଛି । ଡାକ୍ତରଙ୍କ କହିବା ଅନୁସାରେ ସ୍ୱାମୀଙ୍କୁ ମଧ୍ୟ ମାଣ୍ଡିଆ ଜାଉ ପ୍ରତ୍ୟେକ ଦିନ ଖାଇବା ପାଇଁ ଦେଉଛି । ସ୍ୱାସ୍ଥ୍ୟ ପାଇଁ ଉପକାରି ମାଣ୍ଡିଆକୁ ଆମେ ଘରେ ମଧ୍ୟ ଖାଉଛୁ । ଶ୍ରୀ ଅନ୍ନ ଅଭିଯାନ ଗ୍ରାମାଞ୍ଚଳରରେ ମୋ ଭଳି ଅନେକ ମହିଳାଙ୍କୁ ସହାୟତା ଯୋଗାଇଦିଆଯାଇଛି । ପୂର୍ବରୁ ମାଣ୍ଡିଆ ବିକ୍ରି କରିବା ପାଇଁ ବହୁ ସମସ୍ୟା ହେଉଥିଲା । ମାତ୍ର ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମଣ୍ଡି ବ୍ୟବସ୍ଥା ହେବା ପରେ ସୁବିଧାରେ ମାଣ୍ଡିଆ ବିକ୍ରି କରିପାରୁଛି ।



କନ୍ଧମାଳ



# ୩ | ଟାଙ୍ଗରା ଭୂଇଁରେ ମାଣ୍ଡିଆ ଚାଷ ମହିଳା ଏସଏଚ୍‌ଜିଙ୍କ ମୁହଁରେ ହସ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ହାତମୁଠାକୁ ସଶକ୍ତ କରିଛି ମାଣ୍ଡିଆ ଚାଷ । ମାଣ୍ଡିଆ ଚାଷ କରି ମହିଳାମାନେ ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବନର ରାହା ପାଇପାରିଛନ୍ତି । ସ୍ୱଳ୍ପ ବୟସ ଠାରୁ ବୟସ୍କା ମହିଳାମାନେ ଏକାଠି ହୋଇ ପରିବର୍ତ୍ତନର ମଙ୍ଗ ଧରିଛନ୍ତି ।

ପରିତ୍ୟକ୍ତ ଟାଙ୍ଗରା ଭୂଇଁରେ ସୁନାର ଫସଲ ଫଳାଇ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ । ଶ୍ରୀ ଅନ୍ନ ଅଭିଯାନକୁ ସଫଳ କରିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ଅନ୍ତର୍ଗତ ମଣିପଦର ଗାଁର 'ମା' ଅମ୍ବିକା, ମା' ତୁଳସୀ ଓ ଧରଣୀଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ । ବର୍ଷ ବର୍ଷ ଧରି ପରିତ୍ୟକ୍ତ ଟାଙ୍ଗରା ଭୂଇଁକୁ କିପରି ବ୍ୟବହାର ଉପଯୋଗୀ କରିହେବ, ସେ ସମ୍ପର୍କରେ ମହିଳାମାନେ ଏକତ୍ରିତ ହୋଇ ଆଲୋଚନା କରି ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ ।

ଏହି ତିନି ସ୍ୱୟଂ ସହାୟକ ଗୋଷ୍ଠୀର ୩୦ଜଣ ମହିଳା ୪୦ଏକର ଟାଙ୍ଗରା ଜମିରେ ମାଣ୍ଡିଆ ଚାଷ କରି ବେଶ୍ ଲାଭବାନ୍ ହୋଇପାରିଛନ୍ତି । ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମହିଳାମାନଙ୍କୁ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ମାଣ୍ଡିଆ ବିହନ ଯୋଗାଇ ଦିଆଯାଇଥିଲା । ୨୦୧୮ ମସିହାରୁ ମହିଳାମାନେ ମାଣ୍ଡିଆ ଚାଷ କରି ନିଜ ତଥା ଆଖପାଖ ଗାଁରେ ଉଦାହରଣ ସୃଷ୍ଟି କରିଛନ୍ତି ।

ଏହି ଗୋଷ୍ଠୀର ମହିଳା ସଦସ୍ୟାମାନେ ଚାଷକ୍ଷେତରେ କଠିନ ପରିଶ୍ରମ ବଳରେ ୨୦୨୩-୨୪ବର୍ଷରେ ୨୦ଏକର ଜମିରେ ମାଣ୍ଡିଆ ଚାଷ କରି ୧୧୦ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ। ଉତ୍ପାଦିତ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରିଥିଲେ। ଏଥିରେ ଅଧିକ ଲାଭ ହେବାର ଦେଖି ମହିଳାମାନେ ୨୦୨୪-୨୫ ଖରିଫ୍ ଋତୁରେ ୪୦ଏକର ଜମିରେ ମାଣ୍ଡିଆ ଚାଷ କରିଥିଲେ । ତହିଁରୁ ୧୫୭ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ସେଥିରୁ ୨୨କୁଇଣ୍ଟାଲ ଘରେ ଖାଇବାପାଇଁ ରଖିଛନ୍ତି । ବଳକା ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଇଛନ୍ତି । ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଦିଆଯାଇଥିବା ପ୍ରଶିକ୍ଷଣରୁ ସେମାନେ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣିବା ପ୍ରଣାଳୀ, ଘାସ ବଛା କାମ ଆଦି ବିଷୟରେ ଅବଗତ ହୋଇଥିଲେ । ୨୦୨୫-୨୬ ବର୍ଷରେ ସେମାନେ ଆହୁରି ଅଧିକ ଜମିରେ ମାଣ୍ଡିଆ ଚାଷ କରିବା ପାଇଁ ଆଶା ରଖିଛନ୍ତି।

ଏହାଦ୍ୱାରା ସେମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏକଦା ଅନ୍ୟ ଉପରେ ନିର୍ଭରଶୀଳ ମହିଳାମାନେ ସଫଳ ଉଦ୍ୟୋଗୀ ଏବଂ ରୋଲ ମଡେଲ ସାଜିଛନ୍ତି । ଏକତ୍ରିତ ହୋଇ କାମ କରିବା ସେମାନଙ୍କ ସଫଳତାର ଚାବିକାଠି ହୋଇଛି । ଫଳରେ ସେମାନେ ବିଭିନ୍ନ ସମସ୍ୟାକୁ ଆତ୍ମବିଶ୍ୱାସର ସହ ସମ୍ମୁଖୀନ କରି ସମାଧାନର ପଥ ପାଇପାରିଛନ୍ତି ।

କେବଳ ସେତିକି ନୁହେଁ, ମା' ଅମ୍ବିକା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର ପରିଚାଳନାର ଦାୟିତ୍ୱ ତୁଲାଉଛନ୍ତି ।

ଏସମ୍ପର୍କରେ ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପୁଷ୍ପାଞ୍ଜଳି କଅଁର କୁହନ୍ତି, ମୁଁ ଛୋଟ ଥିବା ସମୟରେ ମାଣ୍ଡିଆ ଚାଷ କରୁଥିଲୁ । ପୂର୍ବରୁ ମାଣ୍ଡିଆ ଚାଷ କରିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲୁ । ଶ୍ରୀ ଅନ୍ନ ଅଭିଯାନର ସହାୟତା ପାଇବା ପରେ ଏକତ୍ରିତ ହୋଇ ମାଣ୍ଡିଆ ଚାଷ କରି ପରିବାର ପ୍ରତିପୋଷଣ ସାଙ୍ଗକୁ ସ୍ୱାବଲମ୍ବୀ ହେବା ଦିଗରେ ଭରସା ପାଇଲୁ । ପୂର୍ବରୁ ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲୁ । ମାତ୍ର ମାଣ୍ଡିଆ ଚାଷ କରିବା ପରଠାରୁ ସମସ୍ତଙ୍କ ପରିସ୍ଥିତିରେ ସ୍ୱଚ୍ଛଳତା ଆସିଛି । ଚାଷଜମିରେ ପରିଶ୍ରମ ଜାରିରଖିଛୁ । ଆମକୁ ଦେଖି ଗାଁର ଅନ୍ୟ ଚାଷୀମାନେ ବି ମାଣ୍ଡିଆ ଚାଷକୁ ଆପଣାଇଛନ୍ତି । ସେହିପରି ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରେବତୀ କହଁର କୁହନ୍ତି, ଶ୍ରୀ ଅନ୍ନ ଅଭିଯାନ ଯୋଗୁଁ ଆମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଆଗକୁ ବଢ଼ିବାର ପଥ ପାଇପାରିଛନ୍ତି ।






# ୪ ‘ମାଣ୍ଡିଆ ମା’ ସୁବାସାଙ୍କ ପ୍ରେରଣାଦାୟକ ଯାତ୍ରା

କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ଆଗରେ ହାର୍ ମାନେ ସବୁକିଛି । ଜୀବନରେ ଅନେକ ଉତ୍ଥାନ ପତନ ଦେଇ ଗତି କରିବାପରେ ଏବେ ମାଣ୍ଡିଆ ଚାଷରେ ସଫଳତା ହାସଲ କରିପାରିଛନ୍ତି । ସୁବାସାଙ୍କ ସଫଳତାର କାହାଣୀ ଯେତିକି ସଂଘର୍ଷମୟ, ସେତିକି ପ୍ରେରଣଦାୟୀ । ନିପଟ ମଫସଲ ପଲ୍ଲୀରୁ ଯାଇ ଦିଲ୍ଲୀ, ହାଇଦ୍ରାବାଦ ପରି ସହରରେ ସେ ପାରଦର୍ଶିତା ଦେଖାଇପାରିଛନ୍ତି ଏବଂ ରାଜ୍ୟରେ ‘ମାଣ୍ଡିଆ ମା’ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ମୁଖ୍ୟ ପୁରୋଧା ସାଜିଛନ୍ତି ସୁବାସା ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ଜଣାଶୁଣା ମହିଳା ଚାଷୀ ହେଉଛନ୍ତି ସୁବାସା ମହନ୍ତ । ବୟସ ପାଖାପାଖି ୪୫ । ଘର ମୟୁରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ୍‌ର ମାଟିଆଗଡ଼ ପଞ୍ଚାୟତର ସିଙ୍ଗାରପୁର ଗାଁ । ପୂର୍ବରୁ କେବଳ ଧାନ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ସୁବାସା ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଥିଲେ । ୨୦୧୮ ମସିହାରୁ ମାଣ୍ଡିଆ ଚାଷ କ୍ଷେତ୍ରରେ ସୁବାସା ନିଜର ଯାତ୍ରା ଆରମ୍ଭ କରିଥିଲେ । ପ୍ରଥମେ ଅଧା ଏକର(୦.୨ ହେକ୍ଟର) ଜମିରେ ୨୫୦ ଗ୍ରାମ୍ ମାଣ୍ଡିଆ ବିହନ ବୁଣି ଆରମ୍ଭ କରିଥିଲେ ମାଣ୍ଡିଆ ଚାଷ । ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିଶସ୍ୟ ଚାଷରେ ପ୍ରୋତ୍ସାହନ ପାଇ ୨୫୦ ଗ୍ରାମ୍ ମାଣ୍ଡିଆ ବିହନ ବୁଣି ୮ କ୍ୱିଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ । ଏହାପରେ ଶ୍ରୀ ଅନ୍ନ

ଅଭିଯାନ ତରଫରୁ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ମାଣ୍ଡିଆ ଚାଷକୁ ଆଗକୁ ନେଇଚାଲିଛନ୍ତି । ବିଭିନ୍ନ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ପୁଷ୍ଟିଶସ୍ୟ ଚାଷ କ୍ଷେତ୍ରରେ ସେ ସଫଳତା ହାସଲ କରିପାରିଛନ୍ତି ।

୨୦୧୯ ମସିହାରେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ତାଙ୍କ ଚାଷଜମିରେ ୧୦ଟି ମାଣ୍ଡିଆ କିସମର ସହଭାଗୀତା ମାଧ୍ୟମରେ କିସମ ପରୀକ୍ଷଣ (ପିଭିଟି) କରାଯାଇଥିଲା । ଏଥିରୁ ପ୍ରେରଣା ପାଇ ସେ ପରବର୍ଷଠାରୁ ବିଭିନ୍ନ କିସମର ମାଣ୍ଡିଆ ଚାଷ ଜାରି ରଖିଥିଲେ। ସେ ଅନ୍ୟ ଜିଲ୍ଲାରୁ ସୁଆଁ, କାଙ୍ଗୁ, ବାଜରା, ଜହ୍ନା ଏବଂ ବାର୍ନୟାର୍ଡ ମିଲେଟ୍ ସମେତ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ବିହନ ମଧ୍ୟ ସଂଗ୍ରହ କରିଥିଲେ । ଏହାସହିତ ସେ ବିଭିନ୍ନ ପୁଷ୍ଟିଶସ୍ୟ କିସମ ପ୍ରଦର୍ଶିତ ଏକ ପୁଷ୍ଟିଶସ୍ୟ ବଗିଚା ସ୍ଥାପନ କରିଥିଲେ । ନିକଟସ୍ଥ ବ୍ଲକର ଚାଷୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପୁଷ୍ଟିଶସ୍ୟ ବଗିଚାକୁ ପରିଦର୍ଶନ କରିଥିଲେ । ସ୍ଥାନୀୟ ସହଭାଗୀ ସଂସ୍ଥା ଏବଂ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଏଥିପାଇଁ ସହଯୋଗ ଯୋଗାଇ ଦିଆଯାଇଥିଲା । ଘରୋଇସ୍ତରରେ ପୁଷ୍ଟିଶସ୍ୟର ବ୍ୟବହାର ବୃଦ୍ଧି ନିମନ୍ତେ ଗ୍ରାମରେ ସଚେତନତା ଅଭିଯାନ ସମୟରେ ସେ ସମସ୍ତ ବ୍ଲକରେ ଉନ୍ନତ କୃଷି ପଦ୍ଧତି ଏବଂ ବିହନ ସଂରକ୍ଷଣ ଉପରେ ତାଲିମ ଦେଇଥିଲେ।

ବର୍ତ୍ତମାନ ସେ ୧୦ପ୍ରକାରର ମାଣ୍ଡିଆକୁ ସଂରକ୍ଷଣ କରି ରଖିଛନ୍ତି । ସେଗୁଡ଼ିକ ହେଲା- ଭୈରବୀ, ଆରେଙ୍ଗୁ, ଶ୍ରୀଚୈତନ୍ୟ, ବୋରାଷୀ, ରିଚକା, ଜହ୍ନା, ସାନ ମାଣ୍ଡିଆ, ବଡ଼ମାଣ୍ଡିଆ,ଶିମିଳିପାଳ ଓ ଦଶରୀ ମାଣ୍ଡିଆ । ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଦିଆଯାଇଥିବା ପ୍ରଶିକ୍ଷଣରୁ ସେ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣିବା ପ୍ରଣାଳୀ, ଘାସ ବଛା କାମ ଆଦି ବିଷୟରେ ଅବଗତ ହୋଇଥିଲେ । ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ତାଙ୍କଠାରୁ ବିହନ କ୍ରୟ କରି ମାଣ୍ଡିଆ ଚାଷ କରୁଛନ୍ତି । ସୁବାସା ବିଭିନ୍ନ ରାଜ୍ୟ ଏବଂ ଜାତୀୟସ୍ତରୀୟ କର୍ମଶାଳାରେ ଯୋଗ ଦେଇ ବିହନ ସଂରକ୍ଷଣ ଏବଂ ଉନ୍ନତ କୃଷି ପଦ୍ଧତି ଉପରେ ତାଲିମ ଦେଉଛନ୍ତି । ନିଜ ଗାଁ ଓ ଆଖପାଖ ଗାଁ'ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଓ ଅନ୍ୟ ଚାଷୀମାନଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି । ବର୍ତ୍ତମାନ "ମାଣ୍ଡିଆ ମା"ଭାବେ ପରିଚିତ ସୁବାସା, ଅଙ୍ଗନୱାଡି କର୍ମୀ ଓ ମା'ମାନଙ୍କୁ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ସମ୍ପର୍କରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି । ମାଣ୍ଡିଆ ଚାଷ ଓ ବିହନ ସଂରକ୍ଷଣ କରି ସେ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ପୁରସ୍କାର ପାଇଛନ୍ତି । ମାର୍ଚ୍ଚ ୨୦୨୩ରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା 'ଗ୍ଲୋବାଲ୍ ମିଲେଟ୍ସ(ଶ୍ରୀ ଅନ୍ନ) କନ୍‌ଫରେନ୍ସ'ରେ ସେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ କରି ପ୍ରଶଂସା ପାଇଛନ୍ତି । ସେଠାରେ ବିଭିନ୍ନ ପ୍ରକାରର ପୁଷ୍ଟିଶସ୍ୟ ବିହନ କିସମର ପ୍ରଦର୍ଶନ କରିଥିଲେ । ସେହି ବର୍ଷ ଜି-୨୦ ସମ୍ମିଳନୀରେ ପୁଷ୍ଟିଶସ୍ୟ ଚାଷ ସମ୍ପର୍କରେ ନିଜର ଅନୁଭୂତି ଓ ମାଣ୍ଡିଆର ଉପକାରିତା ସମ୍ପର୍କରେ ବଖାଣିଥିଲେ ।



ଏସମ୍ପର୍କରେ ସୁବାସା କୁହନ୍ତି- "୨୫୦ଗ୍ରାମ୍ ମାଣ୍ଡିଆ ବିହନ ମୋ ପାଇଁ ଲକ୍ଷ୍ମୀ ସାଜିଲା । ଆଗରୁ ପେଟକୁ ଗଣ୍ଡେ ଭଲରେ ଖାଇବାକୁ ମିଳୁନଥିଲା, ହେଲେ ଏବେ ମାଣ୍ଡିଆ ଚାଷ କରି ହସଖୁସିରେ ମୋ ପରିବାର ଚଳୁଛି । କେବଳ ସେତିକି ନୁହେଁ, ରାଜ୍ୟସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମାଣ୍ଡିଆ ଚାଷ ପାଇଁ ମିଳିଥିବା ପ୍ରଶିକ୍ଷଣ ଦ୍ୱାରା ମୁଁ ଆଜି ସଫଳ ମହିଳା ସଂରକ୍ଷକ ଚାଷୀଭାବେ ପରିଚୟ ପାଇପାରିଛି।"

କୃଷି କ୍ଷେତ୍ରରେ ସୁବାସାଙ୍କର ଏହି ସଫଳ ଯାତ୍ରା ଅନ୍ୟ ମହିଳାମାନଙ୍କ ପାଇଁ ଏବେ ଉଦାହରଣ ।



କୋରାପୁଟ

# ୪ | ଜି-୨୦ ସମ୍ମିଳନୀରେ ଓଡ଼ିଶାର ଗୌରବ ରାଇମତୀ ଘିଉରିଆ

କୋରାପୁଟ ଜିଲ୍ଲାର ୩୬ ବର୍ଷୀୟା ଆଦିବାସୀ ମହିଳା ଡ. ରାଇମତୀ ଘିଉରିଆ ଆଜି ଜଣେ ମାଣ୍ଡିଆ ସଂରକ୍ଷକ ଚାଷୀ ଭାବରେ ସୃଷ୍ଟି କରିଛନ୍ତି ଏକ ଅନନ୍ୟ ଉଦାହରଣ । କୁନ୍ଦ୍ରା ବ୍ଲକ୍ ସ୍ଥିତ ନୂଆଗୁଡା ଗ୍ରାମରେ ନିଜ ପରିବାର ସହ ବସବାସ ରହୁଥିବା ରାଇମତୀ ଆଜି କେବଳ କୋରାପୁଟରେ ନୁହେଁ ବରଂ ଦେଶ ବିଦେଶରେ "ମାଣ୍ଡିଆ ରାଣୀ" ଭାବେ ବେଶ୍ ଲୋକପ୍ରିୟ। ସୁଦୂର କୋରାପୁଟରୁ ଜଣେ ସଫଳ ଚାଷୀ ହେବାର ଯାତ୍ରା କଠିନ ଥିଲେ ସୁଦ୍ଧା କୌଣସି ବାଧାବିଘ୍ନକୁ ସେ ଖାତିର ନ କରି ସଫଳତାର ପାହାଚରେ ଆଗେଇ ଚାଲିଛନ୍ତି ।

ଡ. ରାଇମତୀ ପ୍ରଥମେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହ ମିଳିତ ଭାବେ କାର୍ଯ୍ୟ କରିବା ପରେ ଜୈବ ବିବିଧତାର ସୁରକ୍ଷା ଦିଗରେ ତାଙ୍କର ଆଗ୍ରହ ବଢିଥିଲା । ପରେ ସେ ପାରମ୍ପରିକ ଧାନ ଏବଂ ମାଣ୍ଡିଆର ପୁଷ୍ଟିକାରୀ, ସାଂସ୍କୃତିକ ଏବଂ ପରିବେଶୀୟ ମୂଲ୍ୟକୁ ବୁଝି ଏହାର ପୁନରୁଦ୍ଧାର ଦିଗରେ କାର୍ଯ୍ୟ କରିବା ଆରମ୍ଭ କଲେ । ସମାୟାନୁକ୍ରମେ ସେ ଆଜି ଜଣେ ଦକ୍ଷ ମହିଳା ଚାଷୀ ହେବା ସହ ଅନେକ ଚାଷୀଙ୍କୁ ପାରମ୍ପରିକ ଚାଷ ଏବଂ କୃଷି ପଦ୍ଧତି ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରି ସଚେତନ କରାଉଛନ୍ତି ।

ଜଣେ ସଂରକ୍ଷକ ଚାଷୀ ଭାବେ ଡ. ରାଇମତୀ ବର୍ତ୍ତମାନ ୭୨ କିସମର ପାରମ୍ପରିକ ଧାନ ଏବଂ ୩୦ କିସମର ମାଣ୍ଡିଆ ସଂରକ୍ଷିତ କରିଛନ୍ତି ।

ଶ୍ରୀ ଅନ୍ନ ଅଭିଯାନ ଏବଂ ଆଇଆଇଏମ୍ଆରର ଭୂ-ପ୍ରଜାତି ମୂଲ୍ୟାଙ୍କନ ପରୀକ୍ଷଣରେ ଡ. ରାଇମତୀଙ୍କ ଦ୍ୱାରା ସଂରକ୍ଷିତ କିସମଗୁଡ଼ିକ ଅନ୍ୟ ଚାଷୀମାନଙ୍କ କିସମ ତୁଳନାରେ ଉତ୍ତମମାନର ହୋଇଥିବାରୁ ତାହାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି।

କୁନ୍ଦ୍ରା ବ୍ଲକ୍ ସ୍ଥିତ ବାମନଦେଇ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ମୁଖ୍ୟ ସଦସ୍ୟା ଭାବେ ଡ. ରାଇମତୀ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଉତ୍ପାଦର ବ୍ୟବସାୟୀକରଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ୟୁନିଟ୍, ମିଲେଟ୍ ଟିଫିନ୍ ସେଣ୍ଟର ଏବଂ ଜୈବିକ ଖତ ପ୍ରସ୍ତୁତି ଆଦି ପରିଚାଳନା କରିବାରେ ସହାୟତା ପ୍ରଦାନ କରୁଛନ୍ତି। ଏହାସହ ୨୦୧୨ ମସିହାରେ କୁନ୍ଦ୍ରା ବ୍ଲକରେ ସେ ଏକ ଫାର୍ମ ସ୍କୁଲ ସ୍ଥାପନ କରି ପ୍ରାୟ ୨୫୦୦ ଚାଷୀମାନଙ୍କୁ ଆଧୁନିକ କୃଷି ପଦ୍ଧତି, ଧାଡ଼ି ବୁଣା, ଅନ୍ତଃଫସଲ ଏବଂ ଜୈବିକ ପଦ୍ଧତିରେ ସମନ୍ୱିତ ରୋଗ ପୋକ ପରିଚାଳନା ଆଦି ସମ୍ପର୍କିତ ତାଲିମ୍ ପ୍ରଦାନ କରୁଛନ୍ତି । ଏହାବ୍ୟତୀତ ସଂଗଠନର ସଦସ୍ୟାମାନଙ୍କୁ ମାଣ୍ଡିଆ କ୍ରୟରେ ଉପଯୁକ୍ତ ହାରାହାରି ଗୁଣବତ୍ତା ବଜାୟ ରଖିବା ଏବଂ ଚାଷୀମାନଙ୍କୁ ପଞ୍ଜୀକରଣ ପ୍ରକ୍ରିୟା ମାଧ୍ୟମରେ ମଣ୍ଡିରେ ସର୍ବନିମ୍ନ ସହାୟକ ମୂଲ୍ୟରେ ମାଣ୍ଡିଆ ବିକ୍ରି କରିବା ବିଷୟରେ ଅବଗତ କରାଉଛନ୍ତି । ଯଦ୍ୱାରା ତାଙ୍କର ଏହି ପ୍ରୟାସ ଆଜି କେବଳ ଚାଷୀ ଏବଂ ମହିଳାଙ୍କୁ ଜୀବିକା ପ୍ରଦାନ କରିନାହିଁ ବରଂ କୃଷି କ୍ଷେତ୍ରରେ ସେମାନଙ୍କୁ ଅଭିବୃଦ୍ଧି ଏବଂ ସ୍ୱାଭିମାନର ପଥ ଦେଖାଇଛି।

ଏନେଇ ଡ଼ ରାଇମତୀଙ୍କୁ ବିଭିନ୍ନ ସ୍ତରରେ ସ୍ୱୀକୃତି ପ୍ରଦାନ କରାଯାଇଛି । ୨୦୧୨ ମସିହାରେ ତାଙ୍କୁ ଜିନୋମ୍ ସେଭିଅର୍ କମ୍ୟୁନିଟି ପୁରସ୍କାରରେ ପୁରସ୍କୃତ କରାଯାଇଥିବା ବେଳେ ୨୦୧୫ ମସିହାରେ ଜାମସେଟଜୀ ଟାଟା ନ୍ୟାସନାଲ୍ ଭର୍ଚୁଆଲ୍ ଏକାଡେମୀ ଫେଲୋସିପ୍, ୨୦୧୫, ୨୦୧୭ ଏବଂ ୨୦୧୮ ମସିହାରେ ଟାଟା ଷ୍ଟିଲ୍ ପକ୍ଷରୁ ଶ୍ରେଷ୍ଠ ମହିଳା ଚାଷୀ ପୁରସ୍କାର, ୨୦୧୬ ମସିହାରେ ସୁନାବେଡ଼ାର ଆଇସିଏଆର-ଆଇଆଇଏସଡବ୍ଲୁସି ଦ୍ୱାରା ଶ୍ରେଷ୍ଠ ଚାଷୀ ପୁରସ୍କାର ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରେରଣାଦାୟୀ ମହିଳା ପୁରସ୍କାରରେ ସମ୍ମାନିତ କରାଯାଇଛି । ଏଥିସହ ସେ "ରାଜ୍ୟ ଭୂ-ପ୍ରଜାତି କିସମ କମିଟି"ର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟଭାର ତୁଲାଉଛନ୍ତି।

ଏତଦ୍ ବ୍ୟତୀତ ପାରମ୍ପରିକ ଶସ୍ୟର ପୁନରୁଦ୍ଧାର ପାଇଁ ଦୀର୍ଘ ସମୟ ଧରି ପ୍ରୟାସ ଜାରି ରଖିଥିବା ଡ. ରାଇମତୀ ୨୦୨୪ ମସିହା ଡିସେମ୍ବରରେ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଗ୍ରହଣ କରିଛନ୍ତି ଏବଂ ୨୦୨୫ ଅଗଷ୍ଟ ୯ ତାରିଖରେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଡକ୍ଟର ଅଫ୍ ସାଇନ୍ସ ଡିଗ୍ରୀ ପ୍ରଦାନ କରାଯାଇଛି। ଆହୁରି ମଧ୍ୟ ଡ. ରାଇମତୀ ୨୦୨୩ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ମାଣ୍ଡିଆ ଚାଷ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯାତ୍ରାର ଅନୁଭୂତି ବଖାଣିଥିଲେ। ଜଣେ ଆଦିବାସୀ ମହିଳା ଚାଷୀ ଏବଂ ସଂରକ୍ଷକ ଭାବେ କୃଷି ପ୍ରତି ଥିବା ତାଙ୍କର ଅତୁଳନୀୟ ଅବଦାନ ଆଜି ତାଙ୍କର ରାଜ୍ୟ ତଥା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।



ସଂପ୍ରତି ଡ. ରାଇମତୀ, କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ଓ ପ୍ରକ୍ରିୟାକରଣ ବୃଦ୍ଧି, ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ମାଧ୍ୟମରେ ମହିଳା ଚାଷୀଙ୍କ ଶ୍ରମ ହ୍ରାସ ଏବଂ ବିହନ ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଯାହା ଆଗାମୀ ଦିନରେ ପାରମ୍ପରିକ ସ୍ଥାନୀୟ ଫସଲ ଏବଂ ବ୍ୟାପକ ଖାଦ୍ୟ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ ।




କୋରାପୁଟ

# ୬ | କୃଷକ ଉତ୍ପାଦକ ସଂଗଠନ ପାଇଁ ବରଦାନ ସାଜିଛି ଶ୍ରୀ ଅନ୍ନ ଅଭିଯାନ

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଶ୍ରୀ ଅନ୍ନ ଅଭିଯାନ ଅଧିନରେ ଚାଷୀ ତଥା ମହିଳାମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ନିମନ୍ତେ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପ୍ରୋତ୍ସାହିତ କରାଯାଉଛି । କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ପୁଷ୍ଟିଶସ୍ୟର ଉତ୍ପାଦନ, କ୍ରୟ ବିକ୍ରୟ ଏବଂ ଏହାକୁ ପ୍ରୋତ୍ସାହନ ଦେବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଚାଷୀଙ୍କ ଆର୍ଥିକସ୍ତରରେ ଉନ୍ନତି ପାଇଁ କୃଷକ ଉତ୍ପାଦକ ସଂଗଠନର ରହିଛି ଅନନ୍ୟ ଅବଦାନ । ବିଶେଷକରି ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଏପରି ଏକ କୃଷକ ଉତ୍ପାଦକ ସଂଗଠନ, ହେଉଛି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକସ୍ଥିତ ନାରୀ ଶକ୍ତି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ । ଏହି କୃଷକ ଉତ୍ପାଦକ ସଂଗଠନ ଅଧିନରେ ମୋଟ ୪,୭୨୫ ଜଣ ସଦସ୍ୟା ରହିଛନ୍ତି । ସଦସ୍ୟାମାନେ ମଣ୍ଡି ପରିଚାଳନା, ପନିପରିବା ବ୍ୟବସାୟୀକରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ପ୍ରାରମ୍ଭରେ ମହିଳା ଚାଷୀମାନଙ୍କୁ ସଦସ୍ୟଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ଲମ୍ଫତାପୁଟ ଏକ ଆଦିବାସୀ ବହୁଳ ବ୍ଲକ ଏବଂ ମହିଳାମାନେ ସାଧାରଣତଃ ଘର କାମରେ ବ୍ୟସ୍ତ ରହି ବାହାରକୁ ଯାଆନ୍ତି ନାହିଁ। ତେଣୁ କୃଷକ ଉତ୍ପାଦକ କମ୍ପାନୀର ପ୍ରତିଷ୍ଠାତା ସଦସ୍ୟମାନଙ୍କ ସ୍ୱାମୀ ଏବଂ ପରିବାର ସହିତ କଥା ହୋଇ ଅଂଶୀଦାର ହେବାର ଲାଭ ବିଷୟରେ ବୁଝାଇବାକୁ ପଡୁଥିଲା। ଏଥିପାଇଁ

ଘର ଘର ବୁଲି ଗ୍ରାମ ସଭା କରୁଥିଲେ ଏବଂ କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ କିପରି ପରିବାରର ଆୟକୁ ବୃଦ୍ଧି କରିପାରିବେ ତାହା ବୁଝାଇବା ପାଇଁ ସଭା କରୁଥିଲେ। ଅନେକ ମହିଳାମାନଙ୍କୁ ସେମାନଙ୍କୁ ପରିବାରରୁ ବୈଠକରେ ଯୋଗ ଦେବାକୁ କିମ୍ବା ମଣ୍ଡିକୁ ଯିବାପାଇଁ ଅନୁମତି ମିଳୁନଥିଲା । ଅନେକ ମହିଳାଙ୍କ ସଫଳତାର କାହାଣୀକୁ ସେମାନଙ୍କ ସମ୍ମୁଖରେ ବଖାଣିବା ପରେ ପରିବର୍ତ୍ତନ ଆସିଲା। ପ୍ରଥମ କିଛି ମହିଳା ସାମିଲ ହେବା ପରେ ସେମାନଙ୍କ ସଫଳତାକୁ ଦେଖି ଅନ୍ୟମାନେ ଆଗକୁ ଆସିଲେ ।

ଏହି କାର୍ଯ୍ୟକ୍ରମ ଅଧିନରେ ଗତ ଚାରି ବର୍ଷ ଧରି ଏହି କୃଷକ ଉତ୍ପାଦକ ସଂଗଠନର ମହିଳା ସଦସ୍ୟାମାନଙ୍କ ପ୍ରତିନିଧିତ୍ୱରେ ମାଣ୍ଡିଆ ମଣ୍ଡି ପରିଚାଳିତ ହେଉଛି । ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ଏବଂ ଧାଡ଼ି ବୁଣା ମାଧ୍ୟମରେ ମାଣ୍ଡିଆ ଉତ୍ପାଦନ ମଧ୍ୟ ବୃଦ୍ଧି ହୋଇଛି, ଯାହା ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୁଷ୍ଟିଶସ୍ୟ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିଛି ।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେଇ ବଜାର ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପୂର୍ବରୁ ଚାଷୀମାନେ ଉତ୍ପାଦିତ ମାଣ୍ଡିଆକୁ କିଲୋଗ୍ରାମ ପ୍ରତି ୧୨-୧୫ଟଙ୍କାରେ ବିକ୍ରି କରି ଯଥାର୍ଥ ମୂଲ୍ୟ ପାଇପାରୁନଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ମଣ୍ଡିର ବ୍ୟବସ୍ଥା ଯୋଗୁ ଅନେକ ମାଣ୍ଡିଆ ଚାଷୀ ଏବେ କୃଷକ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ଉଚିତ୍ ମୂଲ୍ୟ ପାଇପାରୁଛନ୍ତି । ଚାଷୀ ଓ କୃଷି ବ୍ୟବସାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି କୃଷକ ଉତ୍ପାଦକ ସଂଗଠନରେ ଚାଷୀମାନଙ୍କୁ ବିଭିନ୍ନ ସହାୟତା, ପ୍ରଶିକ୍ଷଣ ଓ ବିକ୍ରିବଟାର ସୁବିଧା ଯୋଗାଇଦିଆଯାଉଛି । ପ୍ରଥମ ବର୍ଷ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୮୯୭ ଟଙ୍କା ଥିବାବେଳେ ୨୦୨୩-୨୪ ଖରିଫ ବିପଣନ ବର୍ଷରେ ୩୮୪୬ ଟଙ୍କାକୁ ବୃଦ୍ଧି ପାଇଥିଲା ।

ପ୍ରଥମ ବର୍ଷ ୨୦୨୦ -୨୧ ଖରିଫ୍ ବିପଣନ ଋତୁରେ କୃଷକ ଉତ୍ପାଦକ ସଂଗଠନ କ୍ରୟ ସଂସ୍ଥା ଭାବରେ ସମୁଦାୟ ୧୦,୦୪୩ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରି ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ (ଟିଡିସିସିଓଏଲ୍)କୁ ଯୋଗାଇ ଥିଲା । ସେହିପରି କୃଷକ ଉତ୍ପାଦକ ସଂଗଠନ ୨୦୨୩ - ୨୪ରେ ୩୧,୭୧୮ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ଚାଷୀ ପ୍ରାୟ ୧୧.୩୪ କୋଟି ଟଙ୍କା ଲାଭ ପାଇପାରିଥିଲେ । ୨୦୨୪-୨୫ ଖରିଫ ଋତୁରେ ସେମାନେ ୪୧,୦୦୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଥିଲେ । ପୂର୍ବରୁ ଏକର ପ୍ରତି ୧୨-୧୫ ହଜାର ଟଙ୍କା ରୋଜଗାର କରୁଥିବାବେଳେ ବର୍ତ୍ତମାନ ପ୍ରାୟ ୧୮୦୦ ମହିଳା ଚାଷୀ ୩୦ରୁ ୪୦ହଜାର ଟଙ୍କା ରୋଜଗାର କରୁଛନ୍ତି ।



ନାରୀ ଶକ୍ତି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ଅଧକ୍ଷା ଶ୍ରୀମତୀ ମୈନା କ୍ରିସାନି କୁହନ୍ତି, "ପୂର୍ବରୁ, ଆମେ ଆମର ହିତାଧିକାରୀଙ୍କ ପନିପରିବା ବିକ୍ରୟ ଉପରେ ନିର୍ଭର କରୁଥିଲୁ, ଯଦ୍ୱାରା କୃଷକ ଉତ୍ପାଦକ ସଂଗଠନ ପରିଚାଳନାରେ ସମସ୍ୟା ହେଉଥିଲା । ଶ୍ରୀ ଅନ୍ନ ଅଭିଯାନର ସହଯୋଗ ଆମପାଇଁ ବରଦାନ ସାଜିଛି । ମଣ୍ଡି ପରିଚାଳନା ଦ୍ୱାରା ଆମେ ଯଥେଷ୍ଟ ଲାଭବାନ୍ ହୋଇପାରିଛୁ । ଗତ ଆର୍ଥିକ ବର୍ଷରେ ଆମେ ମାଣ୍ଡିଆ ବିକ୍ରୟର ୧ ପ୍ରତିଶତ କମିଶନ ହିସାବରେ ୧୧,୩୪,୮୭୦ ଟଙ୍କା ପାଇଥିଲୁ ।

ଗଞ୍ଜାମ



# ୭ | ମାଣ୍ଡିଆ ଚାଷ ଆଲୋକିତ କରିଛି ଜ୍ୟୋସ୍ନାଙ୍କ ପଥ

ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ମହିଳାମାନଙ୍କ ଅତୁଳନୀୟ ଅବଦାନ ଆଜି ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି । ମହିଳାମାନେ ଆଜି ଅନ୍ୟ କ୍ଷେତ୍ର ଭଳି କୃଷି କ୍ଷେତ୍ରରେ ମଧ୍ୟ ଅଗ୍ରସର ହୋଇ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକର ଗୁଡ଼ିଆପାଟଣ ଗ୍ରାମର ୪୪ ବର୍ଷୀୟା ଜ୍ୟୋସ୍ନା ସ୍ୱାଇଁ ଜଣେ ପ୍ରଗତିଶୀଳ ଚାଷୀ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି । ପୂର୍ବରୁ ଜ୍ୟୋସ୍ନା, ସ୍ୱାମୀଙ୍କ ସହ ମିଶି କେବଳ ଘରେ ଖାଇବା ପାଇଁ ଧାନ ଚାଷ କରୁଥିଲେ । ଅନିୟମିତ ବର୍ଷା ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଚାଷରେ ବ୍ୟାଘାତ ସୃଷ୍ଟି କରୁଥିଲା । ଯାହାଫଳରେ ଗ୍ରାମର ଅନେକ ଚାଷୀ ଚାଷରୁ ମୁହଁ ଫେରାଉଥିଲେ ।

ଏନେଇ ଜ୍ୟୋସ୍ନା କୁହନ୍ତି "କିଛି ବର୍ଷ, ଆମ ପାଖରେ ଖାଇବା ପାଇଁ ଯଥେଷ୍ଟ ଧାନ ନଥିଲା। ଟଙ୍କା ପଇସାର ଅଭାବ ହେତୁ ଆମେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲୁ । ଚାଷ ହିଁ ଥିଲା ଆମ ଜୀବନ ଜୀବିକାର ଏକମାତ୍ର ମାଧ୍ୟମ। କିନ୍ତୁ କୃଷି କ୍ଷେତ୍ରରେ ଆଗକୁ ବଢିବାର ସ୍ୱପ୍ନ ଆଗରେ ପରିବର୍ତ୍ତିତ ଜଳବାୟୁ ଏବଂ ସୁଯୋଗ ବାଧକ ସାଜୁଥିଲା ।

୨୦୨୪ ମସିହାରେ ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ସ୍ଥାନୀୟ ବେସରକାରୀ ସଂସ୍ଥା ଇସାନେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ଗ୍ରାମସ୍ତରୀୟ ବୈଠକରେ ଯୋଗ ଦେଇ ଜ୍ୟୋତ୍ସ୍ନା ପରିବର୍ତ୍ତିତ ଜଳବାୟୁ ସହନଶୀଳ ପୁଷ୍ଟିଶସ୍ୟ ଚାଷ, ସଘନ ବୁଣା ଏବଂ ରୁଆ ପଦ୍ଧତି ଆଦି ସମ୍ପର୍କରେ ଅବଗତ ହେଲେ । ଏହି କାର୍ଯ୍ୟକ୍ରମ ଆଣିଦେଲା ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ। ପୁଷ୍ଟିଶସ୍ୟ ଚାଷରେ ସଠିକ୍ ପଦ୍ଧତି ଅବଲମ୍ବନ କରି ଅଧିକ ଲାଭବାନ ହେବା, ତାଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଥିଲା । ତେଣୁ ସେ ମାଣ୍ଡିଆ ଚାଷ କରିବା ଆରମ୍ଭ କଲେ ।

ଇସାନେଶ୍ୱର ଯୁବକ ସଂଘର ମାର୍ଗଦର୍ଶନରେ ସେ ପ୍ରଥମେ ଜମି ପ୍ରସ୍ତୁତି, ବିହନ ବିଶୋଧନ ଏବଂ ରୋପଣ ପୂର୍ବରୁ ତଳିଶର୍ଯ୍ୟା ପ୍ରସ୍ତୁତି ଆଦି ସମ୍ପର୍କରେ ଜାଣିବାକୁ ପାଇ ମାଣ୍ଡିଆ ଚାଷ କାର୍ଯ୍ୟ କଲେ । ପ୍ରାରମ୍ଭରେ ସେ ପାରମ୍ପରିକ ପଦ୍ଧତିରେ ଏକ ଏକର ଜମିରେ ଚାଷ କରି ୨ ରୁ ୨.୫ କୁଇଣ୍ଟାଲ ମାଣ୍ଡିଆ ଅମଳ ପାଇଲେ। କିନ୍ତୁ ପ୍ରଶିକ୍ଷଣରୁ ସେ ଶିକ୍ଷା ଲାଭ କରିଥିବା ସଘନ ପଦ୍ଧତିରେ ଚାଷ କରି ୫ ରୁ ୭ କୁଇଣ୍ଟାଲ ମାଣ୍ଡିଆ ଅମଳ କରିପାରିଛନ୍ତି । ଯାହାଦ୍ୱାରା ସେ ଲାଭବାନ ହୋଇ ଗତବର୍ଷ ୬ ଏକର ଜମିରେ ୩୮ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ। ସେଥିରୁ ଘରୋଇ ବ୍ୟବହାର ପାଇଁ ୪ କୁଇଣ୍ଟାଲ ମାଣ୍ଡିଆ ରଖି ବଳକା ୩୪ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରି ୧୫୩,୦୦୦ ଟଙ୍କା ପାଇଛନ୍ତି ।

ଏନେଇ ଜ୍ୟୋତ୍ସ୍ନା କୁହନ୍ତି, "ପୂର୍ବରୁ, ଆମେ କେବଳ ଖାଦ୍ୟ ପାଇଁ ଚାଷ କରୁଥିଲୁ । ବର୍ତ୍ତମାନ, ପରିବର୍ତ୍ତିତ ଜଳବାୟୁ ସହନଶୀଳ ମାଣ୍ଡିଆ ଚାଷ ଆମ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରିଛି । ଯାହା ଆମ ଜୀବନ ଜୀବିକାକୁ ଉନ୍ନତ କରିପାରିଛି । ଏହା ଆମକୁ ଖାଦ୍ୟ ଏବଂ ଆୟ ଉଭୟ ଯୋଗାଉଛି । ତେଣୁ ଚଳିତ ବର୍ଷ ମୁଁ ଆହୁରି ଅଧିକ ମାଣ୍ଡିଆ ଅମଳ କରିବା ନେଇ ଯୋଜନା ରଖିଛି।" ତେଣୁ ସେ ନିଜେ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ମାଣ୍ଡିଆ ଚାଷ କରିବା ନେଇ ପ୍ରୋତ୍ସାହିତ କରୁଥିବାର" ଜ୍ୟୋତ୍ସ୍ନା ମତବ୍ୟକ୍ତ କରିଛନ୍ତି ।

ଜ୍ୟୋତ୍ସ୍ନାଙ୍କ ସଫଳତା କେବଳ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ ବରଂ ଏହା ତାଙ୍କ ଅଞ୍ଚଳ ପାଇଁ ଏକ ଆଲୋକବର୍ତ୍ତିକା ସାଜିଛି। ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଜ୍ୟୋତ୍ସ୍ନାଙ୍କ ଯାତ୍ରା ଖୁବ୍ ହୃଦୟସ୍ପର୍ଶୀ । ପୁଷ୍ଟିଶସ୍ୟ ଚାଷ କରି ସେ ଆଜି କେବଳ ତାଙ୍କ ପରିବାରର ଭବିଷ୍ୟତକୁ ସୁରକ୍ଷିତ କରୁନାହାଁନ୍ତି ବରଂ ଅନେକ ଚାଷୀଙ୍କୁ ରୋଜଗାରର ପଥ ଦେଖାଇଛନ୍ତି ।



ବଲାଙ୍ଗିର




# ମହିଳାଙ୍କୁ ସଶକ୍ତ କରିଛି ମିଲେଟ୍ ଶକ୍ତି କାଫେ ଶ୍ୟାମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀ

ମହିଳାମାନେ ଏକତ୍ରିତ ହୋଇ ପରିବର୍ତ୍ତନର ମଙ୍ଗ ଧରିଛନ୍ତି । ଆଉ ପ୍ରତ୍ୟେକଟି କ୍ଷେତ୍ରରେ ସଫଳତା ହାସଲ କରିପାରିଛନ୍ତି । ଏହା ସହିତ ପରିବାର ପ୍ରତିପୋଷଣ ପାଇଁ ସ୍ୱାବଲମ୍ବନର ରାହା ପାଇପଛନ୍ତି । ପ୍ରତିଟି ପ୍ରତିବନ୍ଧକକୁ କାଟି ଆଗକୁ ବଢିବା ପାଇଁ ସେମାନେ ଦୃଢ଼ ପ୍ରତିବଦ୍ଧ । ଏମିତି ଏକ ମହିଳା ସ୍ୱୟଂ ଗୋଷ୍ଠୀ ହେଉଛନ୍ତି ବଲାଙ୍ଗିର ଜିଲ୍ଲାର ଶ୍ୟାମା ସ୍ୱୟଂ ସହାୟକ ଗୋଷ୍ଠୀ । ୧୧ଜଣ ମହିଳା ୨୦୦୪ ମସିହାରେ ଏକାଠି ହୋଇ ମିଶନ ଶକ୍ତି ଅଧିନରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ସେମାନଙ୍କ ରୋଜଗାର ଆରମ୍ଭ ହୋଇଥିଲା । ଯାହାଦ୍ୱାରା ସେମାନେ ଲାଭବାନ ହେବା ସହ ଉଦ୍ୟୋଗକରଣ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରିପାରିଥିଲେ ।

ପରବର୍ତ୍ତୀ ସମୟରେ ୨୦୨୩ ମସିହାରେ ମିଶନ ଶକ୍ତି ଓ ଶ୍ରୀ ଅନ୍ନ ଅଭିଯାନର ମିଳିତ ପ୍ରୟାସରେ ମିଲେଟ୍ ଶକ୍ତି କାଫେ ସ୍ଥାପନ ପାଇଁ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଚୟନ କରାଯାଇଥିଲା । ୨୦୨୪ ଜାନୁଆରୀ ୨୧ ତାରିଖରେ ଶ୍ୟାମା ସ୍ୱୟଂ ସହାୟକ ଗୋଷ୍ଠୀ କୃଷି ବିଭାଗ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରି ମିଲେଟ୍ ଶକ୍ତି କାଫେ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି । ଏଥିପାଇଁ

ସେମାନଙ୍କୁ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କାଫେ ମାଧ୍ୟମରେ ଲୋକଙ୍କୁ ପୁଷ୍ଟିକର ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ଯୋଗାଇ ଦେଉଛନ୍ତି । ପ୍ରତ୍ୟେକ ଦିନ ମାଣ୍ଡିଆରୁ ପ୍ରସ୍ତୁତ କେକ୍, ଚାଓମିନ୍, ରୁଟି, କୁକିଜ, ମୋମୋ, ପିଠା, ପକୋଡ଼ା ଏବଂ କଟଲେଟ୍ ଆଦି ବହୁ ସୁସ୍ୱାଦୁ ଖାଦ୍ୟ ପରଷି ଦେଉଛନ୍ତି । ଯାହା ସ୍ୱାସ୍ଥ୍ୟକର ଏବଂ ପୁଷ୍ଟିକର ଖାଦ୍ୟ ବିକଳ୍ପ ପ୍ରତି ସେମାନଙ୍କର ସମର୍ପଣକୁ ପ୍ରଦର୍ଶନ କରୁଛି ।

ମହିଳାମାନେ ସଚେତନତା ମାଧ୍ୟମରେ ସଫଳତା ହାସଲ କରିବା ନେଇ ଲକ୍ଷ୍ୟ ରଖିଥିଲେ । ଏଥିପାଇଁ ସେମାନେ ସେମାନଙ୍କ ଗାଁରେ ଏକ ସଚେତନତା ଅଭିଯାନ ଆରମ୍ଭ କଲେ । ସେମାନେ ଘର ଘର ବୁଲି ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଅବଗତ କରାଇଲେ । ଏହାସହିତ ସେମାନେ ଆଖପାଖ ଅଞ୍ଚଳରେ ଫୁଡ଼ ଟେଷ୍ଟିଂ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରିଥିଲେ ।

କାଫେରେ ସ୍ୱାସ୍ଥ୍ୟକର ଏବଂ ସ୍ୱାଦିଷ୍ଟ ଖାଦ୍ୟ ପରଷି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ଥାନୀୟ ଲୋକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି । ୨୦୨୪ ମସିହାରେ ମହିଳାମାନେ କାଫେ ପରିଚାଳନା କରି ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଥିଲେ । ସେଥିରୁ ୩୫ ପ୍ରତିଶତ ଲାଭ ପାଇଥିଲେ । ବର୍ତ୍ତମାନ ମାସକୁ ୧.୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏହି କାଫେ ସ୍ଥାପନ ପାଇଁ ସେମାନଙ୍କୁ ଓଡ଼ିଶା ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ତରଫରୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ।

ଏହି କାଫେ ପରିଚାଳନା ଦ୍ୱାରା ଶ୍ୟାମା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆର୍ଥିକସ୍ତରରେ ସଶକ୍ତ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି । ବିଭିନ୍ନ ମେଳା ମହୋତ୍ସବରେ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରି କରୁଛନ୍ତି । ସେମାନଙ୍କର ନିରନ୍ତର ପ୍ରୟାସ ପାଇଁ ସେମାନଙ୍କୁ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ୨୦୨୪'ରେ ଜିଲ୍ଲା, ରାଜ୍ୟ ଓ ଆଞ୍ଚଳିକସ୍ତରରେ ଶ୍ରେଷ୍ଠ ଏସ୍‌ଏଚଜିଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୈନନ୍ଦିନ ଜୀବନରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ବହୁଳଭାବେ ବ୍ୟବହାର କରିବା ପାଇଁ ସେମାନେ ସମାଜରେ ସଚେତନତା ସୃଷ୍ଟି କରୁଛନ୍ତି ।

ବିଭିନ୍ନ ପଦକ୍ଷେପ ଗ୍ରହଣ ଯୋଗୁଁ ସେମାନଙ୍କର ରୋଜଗାର ବୃଦ୍ଧି ହୋଇଥିଲା। ପ୍ରଥମତଃ, ସେମାନେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ତାଲିକାରେ ନୂଆ ଖାଦ୍ୟ ସାମଗ୍ରୀ ଯେପରିକି ମାଣ୍ଡିଆ ମୋମୋ, ଚାଓମିନ ଆଦି ଅନ୍ତର୍ଭୁକ୍ତ କରିଛନ୍ତି । ଏହା ସେମାନେ ସ୍ୱାଦଯୁକ୍ତ ଏବଂ ଉତ୍ତମ ଗୁଣବତ୍ତାର ଖାଦ୍ୟ ପରଷିବା ନେଇ ସୁନିଶ୍ଚିତ କରିଛନ୍ତି । ସେମାନେ ସ୍ଥାନୀୟ କାର୍ଯ୍ୟକ୍ରମ, କାର୍ଯ୍ୟାଳୟ ପାଇଁ ଏକ କ୍ୟାଟରିଂ ସେବା ଆରମ୍ଭ କରିଥିଲେ, ଯାହା ସେମାନଙ୍କୁ ବଡ଼ ଅର୍ଡର ପାଇବାରେ ସାହାଯ୍ୟ କରିଥିଲା। ନିଜର ବ୍ୟବସାୟକୁ ବଢାଇବା ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର ଓ ପ୍ରସାର ଆରମ୍ଭ କରିଛନ୍ତି ।



ଏସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୁପ୍ରିୟା କହଁର କହିଛନ୍ତି, ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରି ଏବେ ସଫଳତା ପଥରେ ଆଗେଇଚାଲିଛୁ । ଏଥିପାଇଁ ମା'ମାନଙ୍କୁ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ସବୁ ସହାୟତା ମିଳିପାରିଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ମିଲେଟ ଶକ୍ତି କାଫେ ପରିଚାଳନା କରିବାର ଆମର ଏହି ଯାତ୍ରାରେ ଆମେ ସଫଳତା ହାସଲ କରିପାରିଛୁ । ଏବେ କାଫେରେ ମିଳୁଥିବା ଖାଦ୍ୟର ଚାହିଦା ବଢିଛି ।

ୱ କଳାହାଣ୍ଡି




# ୯ ମହିଳା ସଶକ୍ତିକରଣରେ ଶ୍ରୀ ଅନ୍ନ ଅଭିଯାନ ଆଣିଛି ନୂତନ ସମ୍ଭାବନା, ବାସ୍ତବ ରୂପ ନେଉଛି ପ୍ରଧାନମନ୍ତ୍ରୀଙ୍କ ଲକ୍ଷପତି ଦିଦି ଯୋଜନା

ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ମା'ମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି । ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ପ୍ରୋତ୍ସାହିତ କରି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇପାରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକର 'କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ' ।

ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇ ଏହାର ପ୍ରଚାରପ୍ରସାର ପାଇଁ ଚେଷ୍ଟା ଜାରିରଖିଛନ୍ତି । ୨୦୦୩ ମସିହାରେ ଆରମ୍ଭ ହୋଇଥିବା ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାସକୁ ୧ ଶହ ଟଙ୍କା ବ୍ୟୟ କରି ବିଭିନ୍ନ ସଭାସମିତିରେ କ୍ୟାଟେରିଂ ମାଧ୍ୟମରେ ଖାଦ୍ୟ ଯୋଗାଇଦେଉଥିଲେ । ଏହାସହ ଅଙ୍ଗନୱାଡିରେ ଛତୁଆ ମଧ୍ୟ ଯୋଗାଉଥିଲେ । ପରେ ୨୦୨୩ ମସିହାରେ ଶ୍ରୀ ଅନ୍ନ ଅଭିଯାନ ସହାୟତାରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପରିସରରେ 'ମିଲେଟ୍ ଶକ୍ତି ଆଉଟ୍‌ଲେଟ୍'ର ଦାୟିତ୍ୱ ତୁଲାଉଛନ୍ତି । ଆଉ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରି ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି ।

ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆଉଟ୍‌ଲେଟ୍ ସ୍ଥାପନ କରିବା ସହ ବିଭିନ୍ନ ସାମଗ୍ରୀ ପାଇଁ ସହାୟତା ଯୋଗାଇଦିଆଯାଇଛି । ଏହି ମିଲେଟ୍ ଶକ୍ତି ବିକ୍ରୟକେନ୍ଦ୍ରରେ ପୁଷ୍ଟିଶସ୍ୟଯୁକ୍ତ ଖାଦ୍ୟସାମଗ୍ରୀ ବିକ୍ରି କରିବା ପାଇଁ ଏହାର ପ୍ରସ୍ତୁତି ପ୍ରଣାଳୀର ପ୍ରଶିକ୍ଷଣ ଦିଆଯାଇଛି । ତାଲିମ ପାଇ ସେମାନେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ନିଜେ ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି । ଏହାସହିତ ଖାଦ୍ୟ ତାଲିକାରେ ଶୁଖିଲା ଓ ରନ୍ଧା ଖାଦ୍ୟଭାବେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ସାମିଲ କରି ବିକ୍ରି କରୁଛନ୍ତି । ଏଥିରେ ସେମାନେ ପୁଷ୍ଟିଶସ୍ୟରୁ ବିସ୍କୁଟ, ମିକ୍ସଚର, କେକ୍, ଲଡ୍ଡୁ, ବାଦାମ ଲଡ୍ଡୁ, ବରା, ସିଙ୍ଗଡା, ଚକୁଳି ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଏହାସହିତ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଆରିସା, କାକରା, ଖଜା, ଲବଙ୍ଗଲତା, କୋଦ ଖିରି, କଟ୍‌ଲେଟ୍, ବାଲୁ ସାହି, ନିମ୍‌କୀ ଆଦି କରି ବିକ୍ରି କରୁଛନ୍ତି । ବିଶେଷକରି ମାଣ୍ଡିଆ ଜୁସ୍ ଓ ଚା'ର ଅଧିକ ଚାହିଦା ରହିଛି । ଏହି ପୁଷ୍ଟିଶସ୍ୟ ଖାଦ୍ୟ ସାମଗ୍ରୀକୁ ପରଷି ସେମାନେ ଏବେ ଆଖପାଖ ଅଞ୍ଚଳରେ ପ୍ରଶଂସିତ ହେଉଛନ୍ତି । ଦିନକୁ ଆଉଟ୍‌ଲେଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଜମୁଛି । ବିଭିନ୍ନ ମେଳା ମହୋତ୍ସବରେ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି । ଦୈନନ୍ଦିନ ଜୀବନରେ ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟକୁ ବହୁଳଭାବେ ବ୍ୟବହାର କରିବା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି । ବର୍ତ୍ତମାନ ସେମାନେ ବର୍ଷକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି ।

ଏସମ୍ପର୍କରେ 'ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର'ର ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପୁଷ୍ପା ଶୁକ୍ଲା କହିଛନ୍ତି, ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ଏବେ ସଫଳତା ପଥରେ ଆଗେଇଚାଲିଛୁ । ଆମେମାନେ ଆଉଟଲେଟ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟର ସଭା ସମିତି ଓ ପ୍ରଶିକ୍ଷଣ ଶିବିର ପାଇଁ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଯୋଗାଉଛନ୍ତି । ଏଥିପାଇଁ ମା'ମାନଙ୍କୁ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ସବୁ ସହାୟତା ମିଳିପାରିଛି । ଏବେ ଆଉଟ୍‌ଲେଟ୍‌ରେ ମିଳୁଥିବା ଖାଦ୍ୟର ଚାହିଦା ରହିଛି । ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଲକ୍ଷପତି ଦିଦି ଯୋଜନାକୁ ସଫଳ କରିବାରେ ସକ୍ଷମ ହୋଇପାରିଛୁ ।





ନୂଆପଡା

# ୧୦ ଶ୍ରେଷ୍ଠ ମହିଳା ମାଣ୍ଡିଆ ଚାଷୀ ଗଙ୍ଗାବାଈ ସୁଆର

ବିଶ୍ୱ ଆଜି ଦ୍ରୁତ ଗତିରେ ଅଗ୍ରସର ହେଉଛି । ଏହି ଅଗ୍ରଗତିରେ ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଆଗେଇ ଚାଲିଛନ୍ତି ମହିଳା । ପ୍ରତିଟି କ୍ଷେତ୍ରରେ ସେମାନେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିପାଦନ କରି ଆଜି ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି । ଶିକ୍ଷା, କଳା, ବାଣିଜ୍ୟ, ରାଜନୀତି ପରି କୃଷି କ୍ଷେତ୍ରରେ ମଧ୍ୟ ସେମାନଙ୍କର ଅତୁଳନୀୟ ଅବଦାନ ଦେଖିବାକୁ ମିଳୁଛି । ଏପରି ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଗ୍ରାମର ଗଙ୍ଗାବାଈ ସୁଆର । ଯିଏ ମାଣ୍ଡିଆ ଚାଷ କରି ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ବେଳେ ଦୁଇ ଥର 'ଶ୍ରେଷ୍ଠ ମହିଳା ମାଣ୍ଡିଆ ଚାଷୀ' ଭାବେ ପୁରସ୍କୃତ ହୋଇଛନ୍ତି ।

ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଗଙ୍ଗାବାଈ ସ୍ୱାମୀ କାଳୀ ସୁଆରଙ୍କ ସହ ମିଶି ଘରୋଇ ବ୍ୟବହାର ପାଇଁ ପାରମ୍ପରିକ ଉପାୟରେ ମାଣ୍ଡିଆ ଏବଂ ଧାନ ଚାଷ କରୁଥିଲେ । ଯେଉଁଥିରେ ସେ ୧ ଏକର ଜମିରେ ମାତ୍ର ୨.୫ ରୁ ୩ କୁଇଣ୍ଟାଲ ମାଣ୍ଡିଆ ଅମଳ କରୁଥିଲେ । ଆର୍ଥିକ ଅନାଟନ ସହ ସୁଯୋଗର ଅଭାବ ତାଙ୍କ ଆଗରେ ବାଧକ ସୃଷ୍ଟି କରୁଥିଲା । କିଛି କରି ଦେଖାଇବାର ଇଚ୍ଛା ଥିଲେ ମଧ୍ୟ ପ୍ରତିବନ୍ଧକ ଆଗରେ

ନିଜ ସ୍ୱପ୍ନକୁ ଜଳାଞ୍ଜଳି ଦେବାକୁ ପଡୁଥିଲା । ୨୦୨୧-୨୨ ମସିହାରେ ଗଙ୍ଗାବାଈ ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ପୁଷ୍ଟିଶସ୍ୟ ଚାଷ, ସରକାରୀ ପ୍ରୋତ୍ସାହନ, ବିହନ କେନ୍ଦ୍ର, ପଲ୍ଭରାଇଜର ପରିଚାଳନା, ଜୈବିକ ଖତ, ସଘନ ପଦ୍ଧତି ଆଦି ସମ୍ପର୍କରେ ଜାଣିବାକୁ ପାଇ ସ୍ୱାମୀଙ୍କ ସହ ମିଶି ମାଣ୍ଡିଆ ଚାଷ କରିବା ଆରମ୍ଭ କଲେ ।

ପ୍ରଥମ ବର୍ଷ ୨ ଏକର, ପରେ ୩ ଏକର ଜମିରେ ମାଣ୍ଡିଆ ଚାଷ କରି ଲାଭାନ୍ୱିତ ହେବାପରେ ସେ ଅଧିକ ଜମିରେ ମାଣ୍ଡିଆ ଚାଷ କରିବା ନେଇ ଆଗ୍ରହ ପ୍ରକାଶ କଲେ । ଗତବର୍ଷ ଗଙ୍ଗାବାଈ ୮ ଏକର ଜମିରେ "ସଘନ ପଦ୍ଧତି" ଅବଲମ୍ବନ କରି ୫୨ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଛନ୍ତି । ଯେଉଁଥିରୁ ସେ ୨ କୁଇଣ୍ଟାଲ ମାଣ୍ଡିଆକୁ ଖାଦ୍ୟ ଏବଂ ବିହନ ପାଇଁ ରଖି ବଳକା ୫୦ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରି ୨,୨୫,୦୦୦ ଟଙ୍କା ଲାଭ କରିଛନ୍ତି। ଏହାସହ ସେ ସରକାରୀସ୍ତରରେ ପ୍ରୋତ୍ସାହନ ରାଶି ପାଇ ଅଧିକ ଲାଭବାନ ହୋଇଛନ୍ତି । ଗଙ୍ଗାବାଈ ସୁନାବେଡ଼ା ଅଞ୍ଚଳରେ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିବା ସହ ଅନେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ସାଜିଛନ୍ତି । ସବୁ ପ୍ରତିବନ୍ଧକକୁ ଏଡ଼ାଇ ଗୃହିଣୀରୁ ସେ ଜଣେ ରୋଜଗାରକ୍ଷମ ମହିଳା ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି । ମାଣ୍ଡିଆ ଚାଷ କ୍ଷେତ୍ରରେ ଗଙ୍ଗାବାଈଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ-୨୦୨୩ ଏବଂ ନୂଆପଡ଼ା ଜିଲ୍ଲାର ଶ୍ରେଷ୍ଠ ମହିଳା ମାଣ୍ଡିଆ ଚାଷୀ ଭାବେ ସମ୍ମାନିତ କରାଯାଇଛି।

ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ଗଙ୍ଗାବାଈଙ୍କର ଅବଦାନ ଅତୁଳନୀୟ । କେବଳ ଚାଷ ନୁହେଁ ବରଂ ସ୍ୱାସ୍ଥ୍ୟ ଏବଂ ଆୟକୁ ଗୁରୁତ୍ୱ ଦେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏନେଇ ଗଙ୍ଗାବାଈ କୁହନ୍ତି "ମାଣ୍ଡିଆ ଚାଷ କେବଳ ଆମକୁ ଖାଦ୍ୟ ଯୋଗାଉ ନାହିଁ, ବରଂ ଏହା ଆମ ମୃତ୍ତିକା, ସ୍ୱାସ୍ଥ୍ୟ ଏବଂ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରୁଛି" ।





ସୁନ୍ଦରଗଡ଼

# ୧୧ ମାଣ୍ଡିଆ ଚାଷ କରିଛି ଜ୍ୟୋତିଙ୍କ ପଥ ଆଲୋକିତ

ଆଦିବାସୀଙ୍କ ପାରମ୍ପରିକ ମୁଖ୍ୟ ଖାଦ୍ୟଶସ୍ୟ ଭାବେ 'ମାଣ୍ଡିଆ' କେବଳ ଆଜି ନୁହେଁ ବରଂ ବହୁ ପୁରାତନ କାଳରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଆଜି ବି ମାଣ୍ଡିଆ, ସୁଆଁ, କାଙ୍ଗୁରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା କିସାନ, ମୁଣ୍ଡା, ଓରାନ ଆଦି ଜନଜାତିମାନଙ୍କର ଖାଦ୍ୟ ଥାଳିରେ ଶୋଭା ପାଇଥାଏ । ଆଉ ସେହି ଶୋଭାରୁ ବାରି ହୋଇ ଥାଏ ଆଦିବାସୀଙ୍କ ଖାଦ୍ୟ, ସଂସ୍କୃତି ଓ ପରମ୍ପରା ।

ପୁଷ୍ଟିଶସ୍ୟର ପୁନଃରୁଦ୍ଧାର ଏବଂ ଆଦିବାସୀଙ୍କ ମୁଖ୍ୟ ପାରମ୍ପରିକ ଖାଦ୍ୟକୁ ଜୀବିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଚାଷୀମାନେ ସାମିଲ ହୋଇ ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜରା ଆଦି ପୁଷ୍ଟିଶସ୍ୟ ଚାଷ କରୁଛନ୍ତି । ଶ୍ରୀ ଅନ୍ନ ଅଭିଯାନ ତରଫରୁ ମାଣ୍ଡିଆ ଚାଷ କରିବା ନେଇ ଚାଷୀମାନଙ୍କୁ ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ, ସହାୟତା ରାଶି, ମଣ୍ଡି ବ୍ୟବସ୍ଥା, ଯନ୍ତ୍ରପାତି ଭଡ଼ା କେନ୍ଦ୍ର, ବିହନ କେନ୍ଦ୍ର ଆଦିର ସୁବିଧା ଯୋଗାଇ ଦିଆଯାଉଛି । ଯାହାଫଳରେ ଚାଷୀମାନେ ମାଣ୍ଡିଆ ଚାଷ ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି ।

ସୁନ୍ଦରଗଡ଼ ଜିଲ୍ଲା ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ କାର୍ଯ୍ୟ କରୁଥିବା ବେଳେ କୁଆଁରମୁଣ୍ଡା ବ୍ଲକ ସ୍ଥିତ ବରଟୋଲି ଗ୍ରାମର ଜ୍ୟୋତି ଡାଙ୍ଗ

ମାଣ୍ଡିଆ ଚାଷ କ୍ଷେତ୍ରରେ ସୃଷ୍ଟି କରିଛନ୍ତି ଏକ ଅନନ୍ୟ ପରିଚୟ । ଜୀବନରେ ଆସିଥିବା ଅନେକ ପ୍ରତିବନ୍ଧକକୁ ସାମ୍ନା କରି ଆଗେଇ ଚାଲିଥିବା ଜ୍ୟୋତି ମାଣ୍ଡିଆ ଚାଷରେ ଜୀବିକା ନିର୍ବାହ କରି ଆଜି ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି । ଯାହାଫଳରେ ଆଜି ଅନେକ ମହିଳା ଜ୍ୟୋତିଙ୍କଠାରୁ ମାର୍ଗଦର୍ଶନ ପାଇ ମାଣ୍ଡିଆ ଚାଷ ଦିଗରେ ଆଗଭର ହୋଇଛନ୍ତି ।

ଜୀବନରେ ଅନେକ ସମୟରେ ଆସିଥିବା ଝଡ଼ଝଞ୍ଜାକୁ ଏଡ଼ାଇ ନିଜକୁ ଜଣେ ସଫଳ ମହିଳା ଚାଷୀ ଭାବେ ଗଢ଼ି ତୋଳିଛନ୍ତି ଜ୍ୟୋତି । ସ୍ୱାମୀ ଏବଂ ପୁଅ ସହ ହସ ଖୁସିରେ ଜୀବନ କଟୁଥିବା ବେଳେ ଅଚାନକ ସ୍ୱାମୀଙ୍କ ବୟୋଗ ଦେଇଥିଲା ତାଙ୍କୁ ଶକ୍ତ ଧକ୍କା । ସ୍ୱାମୀଙ୍କ ଯିବା ପରେ ନା ମିଳିଥିଲା ସାହାରା ନା ମିଳିଥିଲା ସାହାଯ୍ୟ । ଛୁଆକୁ ପାଳିପୋଷି ବଡ କରିବାର ସ୍ୱପ୍ନ ଥିବାବେଳେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅର୍ଥାଭାବ ସଦା ସର୍ବଦା ତାଙ୍କ ବୋଝ ଉପରେ ନଳିତା ବିଡ଼ା ସାଜୁଥିଲା ।

ଏନେଇ ଜ୍ୟୋତି କୁହନ୍ତି "ସ୍ୱାମୀଙ୍କ ଯିବା ପରେ ଘରର କାମଧନ୍ଦା ସହ ଘର ସମ୍ଭାଳିବା ବହୁତ କଷ୍ଟକର ହୋଇପଡ଼ିଥିଲା । ନିଜର ଜମି ନଥିବାରୁ ଟଙ୍କା ପଇସାର ଅଭାବ ହେତୁ ପୁଅର ଯତ୍ନ ନେବା ଓ ତାର ପ୍ରତିପୋଷଣରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା ।"

ତେଣୁ ଲିଜ୍ ରେ ଜମି ଆଣି ଚାଷ କରିବା ହିଁ ଥିଲା ତାଙ୍କର ଏକମାତ୍ର ରୋଜଗାରର ପନ୍ଥା । ତେଣୁ ଚାଷକୁ ଆପଣେଇ ଦୁଇ ପଇସା ରୋଜଗାର କରିବାର ସ୍ୱପ୍ନ ନେଇ ଅଣ୍ଟା ଭିଡ଼ିଥିଲେ ଜ୍ୟୋତି । ୨୦୧୮ ମସିହାରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ମାଣ୍ଡିଆ ଚାଷ, ଏହାର ଉପକାରିତା, ସରକାରୀ ପ୍ରୋତ୍ସାହନ, ମଣ୍ଡି ବ୍ୟବସ୍ଥା ଆଦି ସମ୍ପର୍କରେ ଜାଣିବାକୁ ପାଇଲେ । ମାଣ୍ଡିଆ ଚାଷ ପାଇଁ ସମସ୍ତ ସୁବିଧା ସହ ମଣ୍ଡିର ସୁବ୍ୟବସ୍ଥା ବିଷୟରେ ଅବଗତ ହୋଇ ଜମି ଲିଜ୍ ରେ ଆଣି ମାଣ୍ଡିଆ ଚାଷ କରିବା ଆରମ୍ଭ କଲେ । ଧୀରେ ଧୀରେ ଚାଷ ପ୍ରତି ଆଗ୍ରହୀ ହୋଇ ମାଣ୍ଡିଆ ଚାଷକୁ ନିଜ ମୁଖ୍ୟ ଜୀବିକା ଭାବେ ଆପଣେଇଛନ୍ତି ଜ୍ୟୋତି ।

ପ୍ରଥମେ ସେ ପାରମ୍ପରିକ ପଦ୍ଧତି ମାଧ୍ୟମରେ ୧ ଏକର ଜମିରେ ୩ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ । କିନ୍ତୁ ପରେ ସେ ସଘନ ପଦ୍ଧତି ଅବଲମ୍ବନ କରି ୫ ରୁ ୭ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ । ଲାଭବାନ୍ ହେବାରୁ ସେ ଗତବର୍ଷ ୩ ଏକର ଜମିରେ ୨୦ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ସେଥିରୁ ୨ କୁଇଣ୍ଟାଲ ମାଣ୍ଡିଆକୁ ଘରେ ଖାଦ୍ୟ ରଖିଥିଲେ । ବଳକା ୧୮ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରି ଜ୍ୟୋତି ମହିଳା ଚାଷୀମାନଙ୍କ ମଧ୍ୟରେ ପ୍ରଥମ ହୋଇ ସର୍ବାଧିକ ୮୧,୦୦୦ ଟଙ୍କା ଲାଭ କରିପାରିଛନ୍ତି । ଯଦ୍ୱାରା ସେ କେବଳ ନିଜ ଅଞ୍ଚଳରେ ନୁହେଁ ବରଂ ଜିଲ୍ଲା ପାଇଁ ଆଣିଦେଇଛନ୍ତି ଗୌରବ । ଜିଲ୍ଲାରେ ପୁଷ୍ଟିଶସ୍ୟ ଚାଷ ଏବଂ ଖାଦ୍ୟକୁ ନେଇ ବିଭିନ୍ନ ଉଚ୍ଚସ୍ତରୀୟ ପଦକ୍ଷେପ ନିଆଯାଉଥିବା ବେଳେ ସେଥିରେ ଜ୍ୟୋତିଙ୍କର ଅବଦାନ ଅତୁଳନୀୟ ।



ଏନେଇ ଜ୍ୟୋତି କୁହନ୍ତି "ମାଣ୍ଡିଆ ଚାଷ ମତେ ରୋଜଗାରକ୍ଷମ ହେବାର ରାସ୍ତା ଦେଖାଇଛି । ସ୍ୱାମୀ ଗଲା ପରେ ଚାଷ ହିଁ ଥିଲା ମୋର ଏକମାତ୍ର ରୋଜଗାରର ମାଧ୍ୟମ। ପୂର୍ବରୁ ଜେଜେ ମା'ଠାରୁ ମାଣ୍ଡିଆ ଚାଷ କଥା ଶୁଣିଥିଲି। ମଣ୍ଡିର ବ୍ୟବସ୍ଥା ନଥିବାରୁ ବୋଲି ସେମାନେ ଚାଷ କରିବା ବନ୍ଦ କରିଦେଇଥିଲେ । କିନ୍ତୁ, ଏହା ଏବେ ମୋ ପାଇଁ ସୁନାର ଫସଲ ପାଲଟିଛି । ମୁଁ ଏବେ ମୋର ପୁଅକୁ ପାଠ ପଢ଼େଇବା ସହ ସ୍ୱଚ୍ଛଳ ହୋଇପାରିଛି ।"

ନୂଆପଡ଼ା



# ୧୨ | ମହିଳାଙ୍କ କ୍ଷେତ୍ରରେ ପରିବର୍ତ୍ତନ ପ୍ରଗତିର ପଥେ ନୂଆ ଉଡ଼ାଣ

ଆଜି ମହିଳାଙ୍କ କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଦିନଥିଲା ସେମାନଙ୍କ ଜୀବନଶୈଳୀ, ସ୍ୱାଧୀନତା, ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ବହୁ ସମସ୍ୟା ଦେଖାଦେଉଥିଲା । କିନ୍ତୁ ସମୟର ସ୍ରୋତରେ ସେହି ଧାରାର ମୋଡ଼ ବଦଳିଛି । ସମାଜରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଏବଂ ପରିଚୟ ମିଳିଛି । ମହିଳାମାନେ ନିଜର କଠିନ ପରିଶ୍ରମ ଓ ନିଷ୍ଠା ବଳରେ ଆଜି ପ୍ରତିଟି କ୍ଷେତ୍ରରେ ସଶକ୍ତ ବୋଲି ନିଜକୁ ପ୍ରମାଣ କରିଦେଖାଇଛନ୍ତି ।

ଏପରି ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସ୍ଥିତ ସିଲେଟପାଣି ଗ୍ରାମର ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ । ଏହି ଗୋଷ୍ଠୀର ମହିଳାମାନେ ବିହନ କେନ୍ଦ୍ର ପରିଚାଳନାର ଦାୟିତ୍ୱ ତୁଲାଇ ରୋଜଗାରର ପନ୍ଥା ପାଇପାରିବା ସହ ପ୍ରଶଂସା ସାଉଁଟିଛନ୍ତି ।

ପ୍ରଥମେ ଗୋଷ୍ଠୀର ସଦସ୍ୟାମାନେ କେବଳ ଚାଷ କାର୍ଯ୍ୟରେ ନିୟୋଜିତ ଥିଲେ । ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ପୁଷ୍ଟିଶସ୍ୟ ଚାଷ ଏବଂ ଦେଶୀ ବିହନ ସଂରକ୍ଷଣ ସମ୍ପର୍କରେ ଜାଣିବାକୁ ପାଇଥିଲେ । ୨୦୨୨ ମସିହାରେ

ଶ୍ରୀ ଅନ୍ନ ଅଭିଯାନ ତରଫରୁ ଗୋଷ୍ଠୀର ମହିଳାମାନଙ୍କ ପାଇଁ ଏକ ବିହନ କେନ୍ଦ୍ର ଖୋଲାଗଲା । ଯେଉଁଠାରେ ସେମାନେ ୧୦ ପ୍ରକାରର ମାଣ୍ଡିଆ ଯଥା: ବଡ ମାଣ୍ଡିଆ, ଦଶରା ମାଣ୍ଡିଆ, ଲାଲସାରୁ ମାଣ୍ଡିଆ, ଇନ୍ଦ୍ରାବତୀ ମାଣ୍ଡିଆ, ଅର୍ଜୁନ ମାଣ୍ଡିଆ ଏବଂ ଖୁଟନି ମାଣ୍ଡିଆ ସହ ୩ ପ୍ରକାରର ସୁଆଁ ଯଥା ଝାଟି ଗୁର୍ଜୀ, ଝାପି ଗୁର୍ଜୀ ଏବଂ କଳିଙ୍ଗ ସୁଆଁ ଆଦି ସଂରକ୍ଷଣ କରି ଚାଷୀମାନଙ୍କୁ ଉଚିତ୍ ମୂଲ୍ୟରେ ବିକ୍ରି କରିବା ସହ ବିହନ ପାଇଁ ଆସୁଥିବା ବରାଦକୁ ପୂରଣ କରୁଛନ୍ତି । ୨୦୨୪-୨୫ ବର୍ଷରେ ମହିଳାମାନେ ୮୦,୫୦୦ ଟଙ୍କାର ବିହନ ବିକ୍ରି କରି ଲାଭବାନ ହେବା ସହ ଗ୍ରାମର ମହିଳାମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଉତ୍ସ ।

ଏନେଇ କୋମନା ବ୍ଲକ ସ୍ଥିତ କୁରେଶ୍ୱର ଗ୍ରାମର ମହିଳା ଚାଷୀ ପ୍ରମିଳା ମାଝୀ କୁହନ୍ତି "ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି ବିହନ କେନ୍ଦ୍ରରୁ ମୁଁ ବିଭିନ୍ନ ପାରମ୍ପରିକ ମାଣ୍ଡିଆ ଏବଂ ସୁଆଁ ବିହନ ନେଇ ଚାଷ କରୁଛି । ଏହା ଅଧିକ ଅମଳକ୍ଷମ ହେବା ସହ ବହୁତ ଦିନ ଧରି ସଂରକ୍ଷିତ କରି ରଖାଯାଇପାରୁଛି । ଯାହାଦ୍ୱାରା ବିହନ ପାଇଁ ପୂର୍ବରୁ ଉପୁଜୁଥିବା ସମସ୍ୟାର ସମାଧାନ ହୋଇପାରିଛି । ବର୍ତ୍ତମାନ ମୋ ଭଳି ଅନେକ ଗ୍ରାମର ଚାଷୀ ଭାଇଭଉଣୀମାନେ ଆସି ଏହି ବିହନ କେନ୍ଦ୍ରରୁ ବିହନ ପାଇ ଉପକୃତ ହେଉଛନ୍ତି ।"

ଅନ୍ୟ ଜଣେ ଚାଷୀ ସୁନିତା ମାଝୀ କୁହନ୍ତି "ପୂର୍ବରୁ ଆମେ ଉତ୍ତମ ଗୁଣବତ୍ତାର ମାଣ୍ଡିଆ ବିହନ ପାଉନଥିଲୁ । କିନ୍ତୁ ଏବେ ଏହା ଆମ ପାଖରେ ଉପଲବ୍ଧ ହେଉଛି । ଯାହାଦ୍ୱାରା ଆମେ ଫଳପ୍ରଦ ହୋଇପାରିଛୁ ।



ଗୋଷ୍ଠୀର ସଦସ୍ୟାମାନଙ୍କର ନିରନ୍ତର ଚେଷ୍ଟା ଏବଂ ପରିଶ୍ରମକୁ ସମ୍ମାନ ଦେଇ ସେମାନଙ୍କୁ ଗତବର୍ଷ ମାଣ୍ଡିଆ ଦିବସ ଅବସରରେ "ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ" ଭାବେ ପୁରସ୍କୃତ କରାଯାଇଛି । ଏହାସହ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୨୦୨୩, ଓଡ଼ିଶାର ଶ୍ରୀ ଅନ୍ନ ଓ ପାରମ୍ପରିକ ଖାଦ୍ୟ ଐତିହ୍ୟ-୨୦୨୪ ଏବଂ ଜିଲ୍ଲା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମଧ୍ୟ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ପୁରସ୍କାର ପ୍ରଦାନ କରାଯାଇଛି ।

ଏନେଇ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ନକୁରା ମାଝୀ କୁହନ୍ତି "ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିହନ କେନ୍ଦ୍ର ପରିଚାଳନା କରି ଆଜି ଆମେ ରୋଜଗାରକ୍ଷମ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛୁ। ନିଜେ ପରିବାର ପ୍ରତିପୋଷଣ ସହ ପିଲାଙ୍କୁ ପାଠ ପଢ଼ାଇପାରୁଛୁ। ଏହି ବିହନ କେନ୍ଦ୍ର ଆମକୁ ଏକ ନୂଆ ପରିଚୟ କରିଛି ।"




# ୧୩ | ବିଲୁପ୍ତପ୍ରାୟ ମାଣ୍ଡିଆ କିସମ ସଂରକ୍ଷଣ ନିଶାରେ କୁଟିଆ କନ୍ଧ ମହିଳା

କୃଷି କ୍ଷେତ୍ରକୁ ପ୍ରଭାବିତ କରୁଥିବା ପରିବର୍ତ୍ତିତ ଜଳବାୟୁରେ ମହିଳା ସାଜିଛନ୍ତି ଯୋଦ୍ଧା । ଗ୍ରାମାଞ୍ଚଳର ମହିଳାମାନେ ଦେଶୀ ଓ ପାରମ୍ପରିକ କିସମ ଚାଷ ଏବଂ ସଂରକ୍ଷଣ କରି ଖାଦ୍ୟ ସୁରକ୍ଷାକୁ ସୁଦୃଢ କରିବାର ମଙ୍ଗ ଧରିଛନ୍ତି । କେବଳ ସେତିକି ନୁହେଁ ଘରୋଇସ୍ତରରେ ପାରମ୍ପରିକ ଖାଦ୍ୟଶସ୍ୟର ବ୍ୟବହାର ବୃଦ୍ଧି ନେଇ ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ନେବାରେ ସକ୍ଷମ ହୋଇଛନ୍ତି । ପାରମ୍ପରିକ ବିହନ କିସମ ସରଂକ୍ଷଣ ନିମନ୍ତେ କନ୍ଧମାଳ ଜିଲ୍ଲାର କନ୍ଧ ସମ୍ପ୍ରଦାୟର ମହିଳା ଚାଷୀ କୁଡ଼େଲାଡୁ ଯାନି, ବର୍ଷ ବର୍ଷ ଧରି ପାରମ୍ପରିକ ବିହନ କିସମର ସଂରକ୍ଷଣ କରୁଛନ୍ତି ।

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ବୁର୍ଲୁବାରୁ ଗ୍ରାମରେ କୁଟିଆ କନ୍ଧ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବିଶେଷକରି ଚାଷ ପାଇଁ ସେମାନେ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ଏହି ସମ୍ପ୍ରଦାୟର ମୁଖ୍ୟ ଖାଦ୍ୟ ମାଣ୍ଡିଆ ହୋଇଥିବାବେଳେ ଦୈନନ୍ଦିନ ଜୀବନରେ ମାଣ୍ଡିଆରୁ ଜାଉ ପ୍ରସ୍ତୁତ କରି ଖାଇଥାନ୍ତି । ପୂର୍ବରୁ କୁଡ଼େଲାଡୁଙ୍କ ବାପା ୧୬ଟି ଫସଲର ୫୦ କିସମ ଚାଷ କରୁଥିଲେ। ସେମାନେ ୫ କିସମର ମାଣ୍ଡିଆ, ୬ କିସମର ସୁଆଁ, ୮ କିସମର ଡାଲିଜାତୀୟ ଶସ୍ୟ ଚାଷ କରୁଥିଲେ । ବର୍ତ୍ତମାନ ସେ ବୁଢା, ଭୋଦ, ଚାଉଳିଆ ଏବଂ ବଡ଼ ମାଣ୍ଡିଆ ଭଳି କିଛି ପାରମ୍ପରିକ କିସମକୁ ସଂରକ୍ଷଣ କରିଛନ୍ତି । ଜୈବିକ ପଦ୍ଧତିରେ କିପରି ଚାଷ କରାଯାଇ ଅଧିକ ଅମଳ ହେବ ସେ ଦିଗରେ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି ।

ମାତ୍ର ଜଳବାୟୁ ପରିବର୍ତ୍ତନ ଫଳରେ ଧିରେ ଧିରେ ଲୋପ ପାଇଆସୁଥିଲା ଏହି ପାରମ୍ପରିକ କିସମ। ଉନ୍ନତମାନର ବିହନ ଚାଷ, ରାସାୟନିକ ସାର ପ୍ରୟୋଗ ଫଳରେ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡିଥିଲା । କେବଳ ସେତିକି ନୁହେଁ, ମାଟିର ଉର୍ବରତା ମଧ୍ୟ ନଷ୍ଟ ହେବାକୁ ବସିଲା । ପାରମ୍ପରିକ ବିହନଗୁଡ଼ିକ କମ୍ ପାଣି ଆବଶ୍ୟକ କରେ ଏବଂ ଜୈବିକ ଖତ ପ୍ରୟୋଗକରି ଭଲ ଭାବେ ବଢ଼ିପାରେ ଓ ଭଲ ଅମଳ ମଧ୍ୟ ହୁଏ ।

କୁଟିଆ କନ୍ଧ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ମହିଳାମାନେ ପାରମ୍ପରିକ ବିହନ ସଂରକ୍ଷଣ କରି ରଖିଥାନ୍ତି । ଏହିସବୁ ପାରମ୍ପରିକ କିସମକୁ ପୁଣିଥରେ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ସେ ବିହନ ବିବିଧତା ସଂରକ୍ଷଣ ପାଇଁ ନିଜ ସମ୍ପ୍ରଦାୟର ମହିଳାମାନଙ୍କୁ ସଂଗଠିତ କରିଥିଲେ । ପ୍ରାରମ୍ଭରେ ସେମାନଙ୍କୁ ବହୁ ବାଧା ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡିଥିଲା । ପୁଷ୍ଟିଶସ୍ୟକୁ ଚାଷକ୍ଷେତରୁ ଖାଦ୍ୟଥାଳିରେ ସାମିଲ କରିବା ପାଇଁ କଠିନ ପରିଶ୍ରମ ମଧ୍ୟ କରୁଛନ୍ତି ।

ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ତାଙ୍କ ଅଞ୍ଚଳର ଚାଷୀମାନେ ବର୍ତ୍ତମାନ ମାଣ୍ଡିଆ ଚାଷ କରି ବେଶ୍ ଲାଭବାନ ହୋଇପାରିଛନ୍ତି । ଉତ୍ପାଦିତ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ।

ବୁର୍ଲୁବାରୁ ଗ୍ରାମ ଏବେ ପାରମ୍ପରିକ ବିହନ କିସମର ଏକ କେନ୍ଦ୍ର ପାଲଟିଛି । ଅନ୍ୟ ଗାଁର ଚାଷୀମାନେ ଏବେ ସେମାନଙ୍କଠାରୁ ବିହନ ନେଉଛନ୍ତି । ସେମାନେ ପୁରୁଣା ପ୍ରଥା ଅନୁସରଣ କରି ଚାଷୀମାନଙ୍କୁ ମାଣ୍ଡିଆ ବିହନ ଦେଇ ଅନ୍ୟ ବିହନ କିସମ ଆଣିଥାନ୍ତି କିମ୍ବା ଅମଳ ପରେ ଦୁଇଗୁଣ ପରିମାଣ ଫେରାଇ ଦିଅନ୍ତି ।

ଏସମ୍ପର୍କରେ କୁଡ଼େଲାଡୁ କୁହନ୍ତି, ପରବର୍ତ୍ତିତ ଜଳବାୟୁ କାରଣରୁ ଆମ ଗରିବଙ୍କ ଖାଦ୍ୟ କୁହାଯାଉଥିବା ମାଣ୍ଡିଆ ଧିରେ ଧିରେ ହଜିଯାଇଥିଲା। ରାଜ୍ୟସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ଏହାକୁ ପୁନରୁଦ୍ଧାର କରାଯାଉଛି । ଆମ ସମ୍ପ୍ରଦାୟର ମହିଳାମାନେ ପାରମ୍ପରିକ ମାଣ୍ଡିଆ ବିହନ କିସମ ସଂରକ୍ଷଣ କାର୍ଯ୍ୟ ଜାରି ରଖିଛୁ । ଏହାସହିତ ଆମେ ଆମ ସମାଜର ପାରମ୍ପରିକ ବିହନ ବିନିମୟ ବ୍ୟବସ୍ଥାକୁ ପୁନର୍ଜୀବିତ କରିଛୁ । ଆମ ପାଇଁ ପାରମ୍ପରିକ ବିହନ ଟଙ୍କା ଅପେକ୍ଷା ଅଧିକ ମୂଲ୍ୟବାନ। ମୋ ବାପାଙ୍କ ଠାରୁ ମୁଁ ବିହନ ସଂରକ୍ଷଣ ଶିଖିଥିଲି, ଯାହା ଆଜି ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଛି।



କୁଡ଼େଲାଡୁ ମଧ୍ୟ ନିର୍ମାଣ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆୟୋଜିତ ବିହନ ମହୋତ୍ସବରେ ଅଂଶଗ୍ରହଣ କରି ମହିଳାମାନଙ୍କୁ ପାରମ୍ପରିକ ବିହନ ସଂରକ୍ଷଣ କରିବା ଏବଂ ଜ୍ଞାନର ଆଦାନପ୍ରଦାନ କରନ୍ତି । ଏହି ଉତ୍ସବଗୁଡ଼ିକ ମାଧ୍ୟମରେ ବିହନ ସଂରକ୍ଷଣ କରିବା ହେଉଛି ଆମର ସଂସ୍କୃତିକୁ ରକ୍ଷା କରିବାର କୌଶଳ ସମ୍ପର୍କରେ ଅବଗତ ହୋଇପାରିଛୁ ବୋଲି ସେ କୁହନ୍ତି । ବିହନ ସଂରକ୍ଷଣ କରିବା ହେଉଛି ଜୀବନଜୀବିକାକୁ ସୁରକ୍ଷିତ କରିବା ବୋଲି ସେ ପ୍ରମାଣିତ କରିଛନ୍ତି ।



ସୁବର୍ଣ୍ଣପୁର

# ୧୪ | ଜୈବିକ ଖତ ପ୍ରସ୍ତୁତି ବଦଳାଇଛି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକସ୍ଥିତି

ଜୈବିକ ଖତ ବା ହାଣ୍ଡିଖତ ପ୍ରସ୍ତୁତ କରି ଉଦାହରଣ ସୃଷ୍ଟି କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ଥିତ କେନଝିରିଆପାଲି ଗ୍ରାମପଞ୍ଚାୟତ ତେଲିପଲି ଗ୍ରାମର 'ମା' ପୂର୍ଣ୍ଣମାସୀ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଦସ୍ୟାମାନେ । ୨୦୦୪ ମସିହାରେ ସଭାପତି ବନିତା ପ୍ରଧାନ ଏବଂ ସମ୍ପାଦିକା ଇନ୍ଦିରା ଦେହୁରୀଙ୍କ ନେତୃତ୍ୱରେ ୧୦ଜଣ ମହିଳାଙ୍କୁ ନେଇ ଗଠନ ହୋଇଥିଲା ଏହି ସ୍ୱୟଂ ସହାୟକ ଗୋଷ୍ଠୀ । କେବଳ ଅଳ୍ପ କିଛି ଚାଷବାସ କରି ମହିଳାମାନେ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ ।

୨୦୨୩ ମସିହାରେ ଶ୍ରୀ ଅନ୍ନ ଅଭିଯାନ ସମ୍ପର୍କରେ ଅବଗତ ହୋଇ ସହଭାଗୀ ସଂସ୍ଥା ଗ୍ଲୋବାଲ ଗ୍ରୀନ ପକ୍ଷରୁ ମାଣ୍ଡିଆ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଥିଲେ । ପରେ ସେମାନେ ୨ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ। ଏହାସହିତ ମହିଳା ସଦସ୍ୟାମାନଙ୍କୁ ଜୈବିକ ଖତ ପ୍ରସ୍ତୁତି ୟୁନିଟ୍ ସ୍ଥାପନ ପାଇଁ ଚୟନ କରାଯାଇଥିଲା । ମହିଳାମାନେ ଏକତ୍ରିତ ହୋଇ ହାଣ୍ଡିଖତ ପ୍ରସ୍ତୁତ କରିବା ଶିଖିଲେ । ଏଥିପାଇଁ ସେମାନଙ୍କୁ ହାଣ୍ଡିଖତ, ଜୀବାମୃତ, ନିମାସ୍ତ୍ର, ଏବଂ ବ୍ରହ୍ମାସ୍ତ୍ର ଭଳି ଜୈବିକ ଖତ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି ଏବଂ ଜୈବିକ ଖତ ପ୍ରସ୍ତୁତି ୟୁନିଟ୍ ସ୍ଥାପନ ପାଇଁ ସେମାନଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗୋମୂତ୍ର, କଞ୍ଚା ଗୋବର, ଗୁଡ଼, କରଞ୍ଜି ପତ୍ର, ନିମ୍ବ ପତ୍ର ଓ ଅରଖ

ପତ୍ରକୁ ମିଶାଇ ହାଣ୍ଡିଖତ ପ୍ରସ୍ତୁତ କରୁଛନ୍ତି । ନିଜ ତଥା ଆଖପାଖ ଗାଁର ଚାଷୀମାନଙ୍କୁ ହାଣ୍ଡିଖତ ଯୋଗାଉଛନ୍ତି । ୨୦୨୩-୨୪ ବର୍ଷରେ ସେମାନେ ୨ଶହ ଲିଟର ହାଣ୍ଡିଖତ ପ୍ରସ୍ତୁତ କରି ଲିଟର ପିଛା ୨୫ ଟଙ୍କା ହିସାବରେ ବିକ୍ରି କରିଥିଲେ । ପ୍ରଥମ ବର୍ଷ ବିକ୍ରି କମ୍ ହୋଇଥିବାବେଳେ ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜୈବିକ ଖତର ଚାହିଦା ବୃଦ୍ଧି ପାଇଥିଲା । ଗୋଷ୍ଠୀର ସଦସ୍ୟାମାନେ ୨ ହଜାର ଲିଟର ହାଣ୍ଡିଖତ ଏବଂ ଜୀବାମୃତ ବିକ୍ରି କରିଥିଲେ । ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାଣ୍ଡିଆ ଚାଷ ଓ ଜୈବିକ ଖତ ୟୁନିଟ୍ ର ପରିଚାଳନା କରି ସଫଳତାର ସହ କରୁଛନ୍ତି ।

କେବଳ ରୋଜଗାର କରିବା ବ୍ୟତୀତ ଏହି ପଦକ୍ଷେପ ମାଧ୍ୟମରେ ସେମାନେ ସମାଜରେ ଅଧିକ ପରିବର୍ତ୍ତନ ଆଣିପାରିଛନ୍ତି । ଚାଷୀମାନେ କେବଳ ଫସଲର ମୂଲ୍ୟ ନୁହେଁ, ମାଟି ସ୍ୱାସ୍ଥ୍ୟ ଏବଂ ଚିରନ୍ତନ କୃଷି ବିଷୟରେ ଅଧିକ ଜାଣିବାକୁ ପାଇଲେ । ପୂର୍ବରୁ କେବଳ ରାସାୟନିକ ସାର ଉପରେ ନିର୍ଭର କରୁଥିବା ଅନେକ ଚାଷୀ ଭଲ ଅମଳ ହେଉଥିବାର ଦେଖି ଜୈବିକ ପଦ୍ଧତିରେ ଚାଷ କରିବା ଆରମ୍ଭ କଲେ ।



ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସିଧାସଳଖ ଚାଷୀମାନଙ୍କ ସହ ଆଲୋଚନା ଏବଂ ସ୍ଥାନୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜୈବିକ ଖତକୁ ବିକ୍ରି କରିବା ଆରମ୍ଭ କରିଥିଲେ । ସେମାନେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ଆୟୋଜିତ ଗ୍ରାମ ସଭା, କୃଷକ କ୍ଷେତ୍ର ବିଦ୍ୟାଳୟ ଏବଂ କୃଷି ମେଳାରେ ସେମାନଙ୍କର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିଥିଲେ । ଗୋଷ୍ଠୀ ସମ୍ବଳ କର୍ମୀଙ୍କ ସହଯୋଗରେ ସେମାନେ ପୁଷ୍ଟିଶସ୍ୟ କ୍ଷେତରେ ହାଣ୍ଡିଖତ ଏବଂ ଜୀବାମୃତ ପ୍ରୟୋଗ ପାଇଁ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ ।

ଏସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ବନିତା ପ୍ରଧାନ କହିଛନ୍ତି, ହାଣ୍ଡିଖତ ପ୍ରୟୋଗ କରି ଚାଷ କ୍ଷେତକୁ ରୋଗପୋକ ଦାଉରୁ ମୁକ୍ତ କରିବା ପାଇଁ ଗାଁ ଗାଁରେ ଚାଷୀଙ୍କୁ ସଚେତନ କରୁଛୁ । ଶ୍ରୀ ଅନ୍ନ ଅଭିଯାନର ପ୍ରୋତ୍ସାହନ ଫଳରେ ମା'ମାନେ ଆଗକୁ ବଢୁଛନ୍ତି । ଗାଁ ଗାଁରେ ଚାଷୀଙ୍କୁ ହାଣ୍ଡିଖତ ବୋତଲ ନେଇ ଦେଇଆସୁଛୁ । ଆମ ଜୀବନରେ ବହୁ ପରିବର୍ତ୍ତନ ହୋଇଛି । ରୋଜଗାର କରିବା ସହ ସମସ୍ତେ ଏକାଠି ହୋଇ କାମ କରିବାର ଦୃଢ ସଂକଳ୍ପବଦ୍ଧତା ଆମକୁ ସଫଳତାର ରାସ୍ତା ଦେଖାଇଛି ।



ସୁନ୍ଦରଗଡ଼

# ୧୪ | ମହିଳାମାନଙ୍କୁ ନେଇ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ

‘ଶ୍ରୀ ଅନ୍ନ ଅଭିଯାନ’ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାରେ ପୁଷ୍ଟିଶସ୍ୟକୁ ଚାଷ ଓ ଖାଦ୍ୟଥାଳିରେ ସାମିଲ କରିବା ପାଇଁ ନିରନ୍ତର ପ୍ରୋତ୍ସାହନ ଜାରି ରହିଛି । ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ‘ଶ୍ରୀ ଅନ୍ନ ଅଭିଯାନ’ର ଏକ ପ୍ରମୁଖ ପଦକ୍ଷେପ ହେଉଛି ‘ମାଣ୍ଡିଆ ଲଡୁ ବଣ୍ଟନ କାର୍ଯ୍ୟକ୍ରମ’ । ‘ମାଣ୍ଡିଆ ଲଡୁ’କୁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ୨୦୨୦ରୁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି । ଏହା ସହିତ ଜନଜାତି କଲ୍ୟାଣ ଛାତ୍ରାବାସରେ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି । ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ତଥା ପୁଷ୍ଟି ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଦିଗରେ ମହିଳାମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

୨୦୨୦ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ସଦର ବ୍ଲକ ମହେସଡିହି ଗ୍ରାମର ୧୦ ଜଣ ମହିଳା ଏକାଠି ହୋଇ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ସେହି ଗୋଷ୍ଠୀର କିଛି ମହିଳା ସଦସ୍ୟା ଦିନ ମଜୁରିଆ ଭାବେ କାମ କରୁଥିଲେ । ପରେ ବହୁ ସମୟରେ ଅଭାବ ଅନାଟନ ମଧ୍ୟରେ ଜୀବନ ବିତାଉଥିବା ମହିଳାମାନେ ଛତୁ ଚାଷ ଆରମ୍ଭ କରିଥିଲେ । ମହିଳାମାନେ ଏକାଠି ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ସୁଦ୍ଧା ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ। ତଥାପି ସଂଘର୍ଷ ଜାରି ରଖି ଥିଲେ ।

ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ସହଯୋଗରେ “ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ’, ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ୍‌ର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି । ଅଙ୍ଗନୱାଡିର ଶିଶୁ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାତଃ ଜଳଖିଆରେ ମାଣ୍ଡିଆ ଲଡୁ ବଣ୍ଟନ କରି ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏହି ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇଛି । ମାତ୍ର ଏହା କେବଳ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ନୁହେଁ, ବରଂ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଛି । ୨୦୨୦ ମସିହାରୁ ଅଭିଯାନ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ୍‌ରେ ମହିଳାମାନେ ମାଣ୍ଡିଆ ଲଡୁ ମିଶ୍ରଣ ପ୍ରସ୍ତୁତ କରି ଅଙ୍ଗନବାଡି ଓ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଯୋଗାଉଛନ୍ତି । ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଭିନ୍ନ ବୈଷୟିକ ପ୍ରଶିକ୍ଷଣ ଦିଆଯିବା ସହ ଜିଲ୍ଲା ଖଣିଜ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ପ୍ରତି ମାସରେ ସେମାନେ ୩୫୦ ରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ମାଣ୍ଡିଆକୁ ପ୍ରକ୍ରିୟାକରଣ କରିଥାନ୍ତି ।

ପ୍ରଥମେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଋଣ ଆଣି ଏହି ୟୁନିଟ୍ ପ୍ରତିଷ୍ଠା କରିଥିଲେ । ସୁନ୍ଦରଗଡ଼ର ୧୭ଟି ବ୍ଲକରେ ଏହି କାର୍ଯ୍ୟକ୍ରମର ସମ୍ପ୍ରସାରଣ କରାଯିବାରୁ ଏହାର ଚାହିଦା ମେଣ୍ଟାଇବା ପାଇଁ ‘ଶ୍ରୀ ଅନ୍ନ ଅଭିଯାନ’ ପକ୍ଷରୁ ସେମାନଙ୍କୁ ମାଣ୍ଡିଆ ସଫା ତଥା ପୃଥକୀକରଣ ମେସିନ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସେମାନେ ଏହି ୧୭ଟି ବ୍ଲକର ୩୭ଟି ଟିଏଚ୍‌ଆର୍ ୟୁନିଟକୁ ମାଣ୍ଡିଆ ସଫା କରି ଯୋଗାଉଛନ୍ତି, ଯାହା ଉଭୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମରେ ସହାୟକ ହେଉଛି ।

ଏହି ସଫଳ ଉଦ୍ୟୋଗ, ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସଶକ୍ତ ତଥାପି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି । ମହିଳାମାନେ ବର୍ତ୍ତମାନ ନିଜ ଉଦ୍ୟୋଗକୁ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି । ମାସକୁ ୧.୫ ଲକ୍ଷ ଟଙ୍କା ରୋଜଗାର ସହ ଜ୍ୟୋତି ଏସ୍‌ଏଚ୍‌ଜିର ମହିଳାମାନେ ସମାଜ ପାଇଁ ଏକ ଉଦାହରଣ ପାଲଟିଛନ୍ତି । ‘ଶ୍ରୀ ଅନ୍ନ ଅଭିଯାନ’ କେବଳ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ପ୍ରୋତ୍ସାହିତ କରୁନାହିଁ, ବରଂ ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେଉଛି ।



ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଏମନ୍ତି ଗୁଡିଆ କୁହନ୍ତି, "ମହିଳାମାନେ ଏକାଠି ହୋଇ ଦୃଢତାର ସହ କାମ କରିବାପରେ ଏହା କ୍ଷୁଦ୍ର ବ୍ୟବସାୟ ସ୍ଥାୟୀ ଉଦ୍ୟୋଗରେ ପରିଣତ ହୋଇପାରିଛି। ଯଦ୍ୱାରା ଆମେ ପରିବାର ପ୍ରତିପୋଷଣ ସହ ବିଭିନ୍ନ ସମ୍ପ୍ରଦାୟକୁ ପୁଷ୍ଟିକାରୀ ପୋଷଣ ଯୋଗାଇବାରେ ସକ୍ଷମ ହୋଇପାରିଛୁ ।

କେନ୍ଦୁଝର




# ୧୬ | ଶ୍ରମିକରୁ ସଫଳ ମାଣ୍ଡିଆ ଉଦ୍ୟୋଗୀ: କେନ୍ଦୁଝର ଦଶେରୀ ଉତ୍ପାଦକ ସଂଗଠନ

ଏକତା ହିଁ ବଳ । ଆଉ ଏହି ଲୋକକଥାକୁ ବାସ୍ତବତାର ରୂପ ଦେଇଛି ଦଶେରୀ ଉତ୍ପାଦକ ସଂଗଠନ । କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ୍ ସ୍ଥିତ ବାରଖଣ୍ଡିଆ ଗ୍ରାମରେ ୨୦୧୬ ମସିହାରେ ୪୦୨ ଜଣ ମହିଳା ଏବଂ ୯୮ ଜଣ ପୁରୁଷଙ୍କ ପ୍ରତିନିଧିତ୍ୱରେ ଗଢ଼ି ଉଠିଥିଲା ଦଶେରୀ ଉତ୍ପାଦକ ସଂଗଠନ ଲିମିଟେଡ୍ । ପୂର୍ବରୁ ସଂଗଠନର ମହିଳାମାନେ ବଡ଼ି, ପାମ୍ପଡ଼ ଆଦି ତିଆରି କରିବା ସହ କୁଲି ମଜୁରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । କମ୍ ପାରିଶ୍ରମିକ, ଅର୍ଥ ଅଭାବ, ସୁଯୋଗ ଓ ସଚେତନତାର ଅଭାବ, ବେକାରୀ ସମସ୍ୟା ଆଦି ମହିଳାଙ୍କ ବିକାଶ ଆଗରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା ।

ଶ୍ରୀ ଅନ୍ନ ଅଭିଯାନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ପ୍ରୋତ୍ସାହନ ପାଇବା ପରେ ମହିଳାମାନଙ୍କ ଜୀବନଜୀବିକାରେ ଆସିଥିଲା ଏକ ବଡ଼ ପରିବର୍ତ୍ତନ । ସଂଗଠନର ମହିଳାମାନେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ବୁଲି ଦେଖିବା ଏବଂ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ତଥା ଗ୍ରେଡର-କମ୍-ଡ଼ିଷ୍ଟୋନର୍ ଆଦିର ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ । ଯାହା ସେମାନଙ୍କର ଦକ୍ଷତା ବିକାଶରେ ସାହାଯ୍ୟ କରିଥିଲା । ପରେ ମହିଳାମାନେ ପୁଷ୍ଟିଶସ୍ୟ ଚାଷ,

ପ୍ରକ୍ରିୟାକରଣ, ବିହନ ବ୍ୟାଙ୍କ, ଜୈବିକ ଖତ ପ୍ରସ୍ତୁତି ଏବଂ ବ୍ୟବସାୟୀକରଣ ଆଦି କାର୍ଯ୍ୟକୁ ସୂଚାରୁରୂପେ ତୁଲାଇବା ପାଇଁ ଉଦ୍ୟମ କରିଥିଲେ । ଆଜି ମହିଳାମାନେ ନିଜେ ମାଣ୍ଡିଆ ଚୂନା, ସଫା, ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ପୁଷ୍ଟିଶସ୍ୟଭିତ୍ତିକ ସାମଗ୍ରୀକୁ ବିକ୍ରି କରି ବେଶ୍ ଲାଭବାନ ହୋଇପାରିଛନ୍ତି । ଏହାସହ ସେମାନେ ଗୋଟିଏ ଗ୍ରେଡର-କମ୍ ଡିଷ୍ଟୋନର, ୨୯ଟି ପଲ୍ଭରାଇଜର, ୧୭ଟି ଅମଳ ଯନ୍ତ୍ର, ୪ଟି କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର, ୪ଟି ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର, ୨ଟି ମିଲେଟ୍ ଶକ୍ତି ଟିଫିନ୍ କେନ୍ଦ୍ର ଏବଂ ୨ଟି ଜୈବକ ଖତ କେନ୍ଦ୍ର ଭଳି ଉଦ୍ୟୋଗ ପରିଚାଳନା କରି ନିଜେ ରୋଜଗାରକ୍ଷମ ହେବା ସହ ଅନେକ ମହିଳାଙ୍କୁ ସ୍ଥାୟୀ ଜୀବିକା ଯୋଗାଇ ଦେଇପାରିଛନ୍ତି ।

ଉକ୍ତ ସଂଗଠନର ମହିଳାମାନେ ବର୍ତ୍ତମାନ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ ବହୁ ପରିମାଣର ମାଣ୍ଡିଆ ଏବଂ ମାଣ୍ଡିଆ ଚୂନା ବିକ୍ରି କରି ଲାଭାନ୍ୱିତ ହୋଇପାରିଛନ୍ତି । ୨୦୨୧-୨୨ ମସିହାଠାରୁ ଏହି ସଂଗଠନ ଏକ କ୍ରୟ ସଂସ୍ଥା ଭାବରେ ସ୍ୱୀକୃତି ପାଇବା ସହ ଟିଡ଼ିଡିସିସିଓଏଲ୍ ମାଧ୍ୟମରେ ମାଣ୍ଡିଆ ଯୋଗାଣ କରୁଅଛି। ସେହିପରି ୨୦୨୪-୨୫ ବର୍ଷରେ ମହିଳାମାନେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ୧୮୪.୮୧ କୁଇଣ୍ଟାଲ ମାଣ୍ଡିଆ ଯୋଗାଇ ଦେଇ ୧ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିବା ସହ ନିୟତି ଫାଉଣ୍ଡେସନ ଏବଂ ଏକଜୁଟ୍ ଫାଉଣ୍ଡେସନ ଦ୍ୱାରା ପରିଚାଳିତ କ୍ରେଚ୍ କେନ୍ଦ୍ରଗୁଡ଼ିକୁ ୧୯.୧ କୁଇଣ୍ଟାଲ ମାଣ୍ଡିଆ ଚୂନା ଦେଇ ୧.୩୩ ଲକ୍ଷ ଟଙ୍କା ଲାଭ ପାଇପାରିଛନ୍ତି । ୨୦୨୫-୨୬ ଚଳିତ ବର୍ଷରେ ଝୁମ୍ପୁରା ବ୍ଲକ୍ ସ୍ଥିତ ୩୫ଟି ବିଦ୍ୟାଳୟକୁ୧୫ କ୍ୱିଣ୍ଟାଲ ମାଣ୍ଡିଆ ଚୂନା ଯୋଗାଇ ପ୍ରାୟ ୧.୦୫ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି ।



ମହିଳାମାନଙ୍କ ଉଦ୍ୟମରେ ଗଢି ଉଠିଥିବା ଏହି ଦଶେରୀ ଉତ୍ପାଦକ ସଂଗଠନର ଭିନ୍ନ ପ୍ରୟାସ ନିମନ୍ତେ ସେମାନଙ୍କୁ ଜିଲ୍ଲାସ୍ତରୀୟ ମହୋତ୍ସବରେ "ଶ୍ରେଷ୍ଠ ପୁଷ୍ଟିଶସ୍ୟ ସଫା କେନ୍ଦ୍ର" ପୁରସ୍କାର ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟାମାନେ କେବଳ ଜିଲ୍ଲା ନୁହେଁ ବରଂ ରାଜ୍ୟର କୋଣ ଅନୁକୋଣରୁ ପ୍ରଶଂସା ପାଇ ମହିଳା ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ।

ନିଶ୍ଚିତ ରୂପେ ମହିଳାମାନେ କୃଷି କ୍ଷେତ୍ରରେ ଥିବା ଲିଙ୍ଗଗତ ଅସମାନତାର ଦୂରୀକରଣ କରି ଲିଙ୍ଗଗତ ସମାନତା ଦିଗରେ ଆଉ ଏକ ପାଦ ଆଗକୁ ବଢିଛନ୍ତି । ସେମାନଙ୍କର ଏହି ସଫଳ ପ୍ରୟାସ ଆଜି ଅନେକ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି । କାଲିର ସୁଯୋଗ ଅଭାବରୁ ବଞ୍ଚିତ ହେଉଥିବା ମହିଳାମାନେ ଆଜି ଅନେକ ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । ମାଣ୍ଡିଆ ଉତ୍ପାଦନ, ପ୍ରକ୍ରିୟାକରଣ, ବ୍ୟବସାୟୀକରଣ ଆଦି କ୍ଷେତ୍ରରେ କାର୍ଯ୍ୟ କରିବା ସହ ଘରେ ଘରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀ ପହଞ୍ଚାଇ ପାରୁଛନ୍ତି । ଏତଦ୍ୱାରା ସେମାନେ ଆତ୍ମନିର୍ଭର ହେବା ସହ ଖାଦ୍ୟ ସୁରକ୍ଷା ଦିଗରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି ।



ମୟୂରଭଞ୍ଜ

# ୧୭ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇଛି ପୁଷ୍ଟିଶସ୍ୟ

ମୟୂରଭଞ୍ଜ ଜିଲ୍ଲା ବୀଜାତଳା ବ୍ଲକ ସ୍ଥିତ ବାଙ୍କାଟି ଗ୍ରାମର ୩୨ ବର୍ଷୀୟା ସୁଭଦ୍ରା ଧଳ ଆଜି ନିଜ ଅଞ୍ଚଳରେ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି । ଏହାସହ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ନେତୃତ୍ୱ ନେଇ ଅନେକ ମହିଳାଙ୍କୁ ମାଣ୍ଡିଆ ଚାଷ କରିବାକୁ ପ୍ରେରଣା ଦେବା ସହ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ମାଣ୍ଡିଆରୁ ପ୍ରସ୍ତୁତ ପୁଷ୍ଟିକର ମାଣ୍ଡିଆ ଲଡୁ ଯୋଗାଇଦେଉଛନ୍ତି । ଜଣେ ଗୃହିଣୀ ଭାବେ ଘର କାମରେ ନିୟୋଜିତ ଥିବା ସୁଭଦ୍ରା ଆଜି ମାଣ୍ଡିଆ ଚାଷ କରି ମହିଳା ସଶକ୍ତିକରଣକୁ ବାସ୍ତବତାର ରୂପ ଦେଇପାରିଛନ୍ତି ।

ଜୁନ୍ ୨୦୨୨ ମସିହାରେ ମୟୂରଭଞ୍ଜ ଜିଲ୍ଲା ବୀଜାତଳା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକାରୀ ହୋଇଥିଲା। ଏହି ଅଭିଯାନ ଅଧୀନରେ ସ୍ଥାନୀୟ ବେସରକାରୀ ସଂସ୍ଥା ଦୁଲାଲ ତରଫରୁ "ଭବିଷ୍ୟତର ଖାଦ୍ୟ" ଭାବେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପ୍ରଶିକ୍ଷଣ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା, ପୁଷ୍ଟିଶସ୍ୟ ସମ୍ପର୍କରେ ଜାଣି ପ୍ରଥମେ ସଘନ ପଦ୍ଧତି ଅବଲମ୍ବନ କରି ମାଣ୍ଡିଆ ଚାଷ କରିବା ଆରମ୍ଭ କଲେ। ଦୃଢ଼ ଇଚ୍ଛାଶକ୍ତି ଏବଂ ପରିଶ୍ରମ ଦ୍ୱାରା ଅମଳ କରିଥିବା ମାଣ୍ଡିଆରୁ ଲାଭାନ୍ୱିତ ହେବାରୁ ସେ ଗତବର୍ଷ ୩ ଏକର ଜମିରେ ୧୮ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଛନ୍ତି । ଉତ୍ପାଦିତ ମାଣ୍ଡିଆରୁ ୨ କୁଇଣ୍ଟାଲ

ଖାଦ୍ୟ ପାଇଁ ରଖି ବଳକା ୧୬ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରି ୭୨,୦୦୦ ଟଙ୍କାର ଲାଭ ପାଇପାରିଛନ୍ତି । ଏହାସହ ସରକାରୀସ୍ତରରୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇ ଅଧିକ ଲାଭବାନ୍ ହୋଇପାରିଛନ୍ତି ।

ଏନେଇ ସୁଭଦ୍ରା କୁହନ୍ତି "ପୁଷ୍ଟିଶସ୍ୟ ଚାଷ ମୋ ଜୀବନରେ ପରିବର୍ତ୍ତନ ଆଣିଛି । ଛୋଟ ଥିବା ସମୟରେ ମୁଁ ମୋ ବାପାଙ୍କୁ ମାଣ୍ଡିଆ ଚାଷ କରୁଥିବାର ଦେଖିଥିଲି। ଦୁର୍ଭିକ୍ଷ ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାଣ୍ଡିଆ ଆମ ଜୀବନ ବଞ୍ଚାଇଥିଲା । ତେଣୁ ମୁଁ ଏହି ପାରମ୍ପରିକ ମାଣ୍ଡିଆ ଚାଷକୁ ପୁନର୍ବାର ଆପଣେଇଲି ।"

ସୁଭଦ୍ରାଙ୍କ ଠାରୁ ପ୍ରେରଣା ପାଇ ଆଜି ଅନେକ ଚାଷୀ ପୁନର୍ବାର ମାଣ୍ଡିଆ ଚାଷକୁ ଆପଣେଇଛନ୍ତି । ପୁଷ୍ଟିଶସ୍ୟର ପୁଷ୍ଟିକର ଗୁଣବତ୍ତା, ସ୍ୱଳ୍ପ ଖର୍ଚ୍ଚ, ଜଳବାୟୁ ସହନଶୀଳତା ଏବଂ ମାଣ୍ଡିଆ ମଣ୍ଡି ବ୍ୟବସ୍ଥା ଆଦି ସମ୍ପର୍କରେ ଜାଣି ମାଣ୍ଡିଆ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସୁଭଦ୍ରାଙ୍କଠାରୁ ପ୍ରେରିତ ହୋଇ ବାଙ୍କାଟି ଗ୍ରାମର ପାଞ୍ଚଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ମାଣ୍ଡିଆ ଚାଷ କରିବା ନେଇ ଆଗେଇ ଆସିଛନ୍ତି । ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଚାଷ ବ୍ୟତୀତ ସେ ଆବେଦନ କରିଥିବା ମିଲେଟ୍ ଟିଫିନ୍ ସେଣ୍ଟର ପାଇଁ ତାଙ୍କୁ ମନୋନୀତ କରାଯାଇଛି । ଯଦ୍ୱାରା ମହିଳାମାନେ ବ୍ଲକ୍ ଏବଂ ଜିଲ୍ଲାସ୍ତରୀୟ ପୁଷ୍ଟିଶସ୍ୟ ଖାଦ୍ୟ ମହୋତ୍ସବରେ ଅଂଶଗ୍ରହଣ କରି ଅନେକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛନ୍ତି । ଏଥି ମଧ୍ୟରେ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଭାବେ ସୁଭଦ୍ରା, ବ୍ଲକସ୍ତରୀୟ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ଏବଂ ଜିଲ୍ଲାସ୍ତରୀୟ ଖାଦ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି ।

ମିଲେଟ୍ ଟିଫିନ୍ ସେଣ୍ଟରର ପରିଚାଳନା ଦାୟିତ୍ୱରେ ଥିବା ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏକ ସ୍ଥାୟୀ ରୋଜଗାରର ପନ୍ଥା ପାଇପାରିଛନ୍ତି । ଦିନେ ସାଧାରଣ ଭାବେ ପ୍ରତିଷ୍ଠା କରାଯାଇଥିବା ମିଲେଟ୍ ଟିଫିନ ସେଣ୍ଟର ବର୍ତ୍ତମାନ ଏକ ବଡ ଉଦ୍ୟୋଗରେ ପରିଣତ ହୋଇଛି । ମହିଳାମାନେ ଦୈନନ୍ଦିନ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତ କରି ପରଷିବା ସହ ନିକଟସ୍ଥ ସ୍କୁଲ ଏବଂ ଜିଲ୍ଲା ବାହାରକୁ ମାଣ୍ଡିଆ ଲଡୁ ଯୋଗାଇ ଦେଉଛନ୍ତି। ଯାହାଦ୍ୱାରା ସେମାନେ ଦୈନିକ ୧୫୦୦ ରୁ ୨୦୦୦ ଟଙ୍କା ରୋଜଗାର କରୁଥିବା ବେଳେ ବାର୍ଷିକ ୫ ରୁ ୬ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ।

ଏହାସହ ଲୋକଙ୍କ ଚାହିଦା ଅନୁସାରେ ସୁଭଦ୍ରା ଗୋଷ୍ଠୀର ସଦସ୍ୟାଙ୍କ ସହ ମିଶି ମାଣ୍ଡିଆରୁ ଖଜା, ବାଲେଶ୍ୱରୀ, ନିମକି, ଆରିଷା ପିଠା, ବିସ୍କୁଟ, ଲଡୁ, ମାଣ୍ଡିଆ ଚୂନା ଏବଂ ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଯାହା କେବଳ ମହିଳାମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିନାହିଁ ବରଂ ଏହା ମାଣ୍ଡିଆ ଚାଷ, ମୂଲ୍ୟ ବୃଦ୍ଧି ଏବଂ ମାଣ୍ଡିଆର ବ୍ୟବହାର ବୃଦ୍ଧି ଦିଗରେ ସମ୍ଭାବନା ସୃଷ୍ଟି କରୁଛି । ପ୍ରଶିକ୍ଷଣ ଏବଂ ନିଷ୍ଠା ଦ୍ୱାରା ସୁଭଦ୍ରା ନିଜକୁ ଜଣେ ଆତ୍ମନିର୍ଭରଶୀଳ ଚାଷୀ ଏବଂ ଉଦ୍ୟୋଗୀ ଭାବରେ ଗଢ଼ିପାରିଛନ୍ତି। ଫଳରେ ସେ ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସକ୍ଷମ ହୋଇପାରିଛନ୍ତି ।




ସୁଭଦ୍ରାଙ୍କ ଉଦ୍ୟମ ଆଜି ଅନେକ ମହିଳାଙ୍କୁ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହିତ କରୁଛି । ପୂର୍ବରୁ କୁଲି ମଜୁରୀ ଉପରେ ନିର୍ଭର କରୁଥିବା ମହିଳାମାନେ ଏବେ ମାଣ୍ଡିଆ ଚାଷ କରି ଲାଭବାନ ହେଉଛନ୍ତି । ଶ୍ରୀ ଅନ୍ନ ଅଭିଯାନ ଯୋଜନା ଆଜି କେବଳ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁନାହିଁ ବରଂ ଓଡ଼ିଶାରେ ସୁସ୍ଥ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରୁଛି ।




ସୁନ୍ଦରଗଡ଼

# ୧୮ | ଧନଲକ୍ଷ୍ମୀ ଏସ୍‌ଏଚ୍‌ଜି ମହିଳାଙ୍କୁ ରୋଜଗାରର ରାହା ଦେଖାଇଛି 'ମିଲେଟ୍ ଟିଫିନ୍ ସେଣ୍ଟର'

ପୁଷ୍ଟିଶସ୍ୟ ଓ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀର ପ୍ରୋତ୍ସାହନ ପାଇଁ ଶ୍ରୀ ଅନ୍ନ ଅଭିଯାନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଆଉ ଏହାର ମଙ୍ଗ ଧରିଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା । ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ୍‌ର କିଆକାଛର ଗ୍ରାମରେ ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପରିଚାଳିତ ହେଉଛି ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର । ଏହି ଗୋଷ୍ଠୀର ମହିଳାମାନେ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରି ରୋଜଗାରକ୍ଷମ ହୋଇପାରିଛନ୍ତି । ଏହାସହିତ ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

୨୦୧୭ ମସିହାରେ ୧୫ଜଣ ମହିଳାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପ୍ରଥମେ ଧାନ ଓ ପନିପରିବା ଚାଷ କରୁଥିଲେ । ୨୦୧୮-୧୯ ମସିହାରେ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ପ୍ରଶିକ୍ଷଣ ନେଇ ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ। ଏହାସହିତ ଥ୍ରେସର ମେସିନ୍ ପରିଚାଳନା କରି ଉଦ୍ୟୋଗକରଣ କ୍ଷେତ୍ରରେ ସଫଳତା ହାସଲ କରିପାରିଥିଲେ। ପରେ ୨୦୨୩ ମସିହାରୁ ସେମାନେ 'ମିଲେଟ୍ ଟିଫିନ୍ ସେଣ୍ଟର'ର ଦାୟିତ୍ୱ ତୁଲାଉଛନ୍ତି । ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍ ସେଣ୍ଟରରେ ବିକ୍ରି କରୁଛନ୍ତି । ଘରର ଚାରିକୋଣରୁ ବାହାରି ସେମାନେ ସ୍ୱାବଲମ୍ବନର ରାହା ପାଇପାରିଛନ୍ତି । ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ପ୍ରତି ଲୋକଙ୍କୁ ଆକୃଷ୍ଟ

କରିବା, ବିଭିନ୍ନ ପ୍ରକାରର ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରି ପରଷୁଛନ୍ତି । ଏହି ଟିଫିନ୍ ସେଣ୍ଟରରେ ସକାଳ ଓ ସନ୍ଧ୍ୟା ଜଳଖିଆରେ ସେମାନେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ମାଣ୍ଡିଆ ଜାଉ, ବରା, ପୁରୀ, ମାଣ୍ଡିଆ ଲଡୁ, ସୁଆଁ ଉପମା, ଆଳୁଚପ୍, ବିରିୟାନୀ, ଦୋସା ଆଦି ୨୫ ରୁ ଉର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି । ଏଥିପାଇଁ ସେମାନେ ମାସକୁ ୫୦ ହଜାର ଟଙ୍କା ଓ ବାର୍ଷିକ ୮-୧୦ ଲକ୍ଷ ରୋଜଗାର କରିପାରୁଛନ୍ତି । ଏତଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଆର୍ଥିକକ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିଛନ୍ତି । ଏଥିପାଇଁ ସେମାନଙ୍କୁ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ମଧ ଦିଆଯାଇଛି । ଏହାସହ ଟିଫିନ୍ ସେଣ୍ଟର ସ୍ଥାପନ ପାଇଁ ୩୦ହଜାର ଟଙ୍କାର ସହାୟତା ରାଶି ଯୋଗାଇଦିଆଯାଇଛି । ଆଖପାଖ ଅଞ୍ଚଳ ସମେତ ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଓ ଜାତୀୟସ୍ତରରେ ପାରଦର୍ଶିତା ପ୍ରତିପାଦନ କରି ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଅନ୍ୟ ମହିଳା ଗୋଷ୍ଠୀର ସଦସ୍ୟାଙ୍କୁ ପୁଷ୍ଟିଶସ୍ୟରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି । ସେମାନଙ୍କଠାରୁ ଅନୁପ୍ରାଣିତ ହୋଇ ଅନ୍ୟ ମହିଳା ଗୋଷ୍ଠୀ ଛୋଟ ଖାଦ୍ୟ ଷ୍ଟଲରୁ ଆରମ୍ଭ କରି ଘରେ ବେକିଂ ୟୁନିଟ୍ ଭଳି ପୁଷ୍ଟିଶସ୍ୟଭିତ୍ତିକ ଉଦ୍ୟୋଗ ଆରମ୍ଭ କରିଛନ୍ତି । ଯେଉଁ ଚାଷୀମାନେ ପୂର୍ବରୁ କେବଳ ଧାନ ଚାଷ କରୁଥିଲେ ସେମାନେ ଏବେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମାଣ୍ଡିଆ ଚାଷକୁ ଆପଣାଇଛନ୍ତି । ସ୍ଥାନୀୟ ଯୁବଗୋଷ୍ଠୀମାନେ ମଧ ଉଦ୍ୟୋଗିତା ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ଆଗ୍ରହୀ ହେଉଛନ୍ତି ଏବଂ ଏହାକୁ ଏକ ସ୍ଥାୟୀ ଜୀବିକା ବିକଳ୍ପ ଭାବରେ ଆପଣାଇଛନ୍ତି । ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ କେବଳ ଆୟ ବୃଦ୍ଧି କରିନାହିଁ ବରଂ ପାରମ୍ପରିକ ଖାଦ୍ୟାଭ୍ୟାସକୁ ପୁନର୍ଜୀବିତ କରିଛି ।

ଏସମ୍ପର୍କରେ ଗୋଷ୍ଠୀର ସଭାପତି ରାଜଲକ୍ଷ୍ମୀ ଦାସ କୁହନ୍ତି, ଶ୍ରୀ ଅନ୍ନ ଅଭିଯାନ ମାଧମରେ ଆଜି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମା'ମାନେ ପାରଦର୍ଶିତା ଲାଭ କରିଛନ୍ତି । ମାସକୁ ୩୦ ହଜାର ଟଙ୍କା ରୋଜଗାର ହେଉଛି । ପୁଷ୍ଟିଶସ୍ୟ ଚାଷ ଓ ଟିଫିନ ସେଣ୍ଟର ପରିଚାଳନା କରି ମା'ମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଟିଫିନ୍ ସେଣ୍ଟର ଖୋଲା ରହୁଛି । ଆଖପାଖ ଅଞ୍ଚଳର ଲୋକ ଏହି ଟିଫିନ୍ ସେଣ୍ଟରରୁ ମିଲେଟ୍ ଖାଦ୍ୟ କିଣିଥାନ୍ତି । ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ଯୋଗୁଁ ଆମର ସ୍ୱପ୍ନ ବାସ୍ତବ ରୂପ ନେଇପାରିଛି । ଆମ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆର୍ଥିକସ୍ତରରେ ସଶକ୍ତ ହେବା ସହ ଭଲ ରୂପେ ପରିବାର ପ୍ରତିପୋଷଣ କରିବାରେ ସକ୍ଷମ ହୋଇଛନ୍ତି ।



ବରଗଡ଼




# ୧୯ | ପଦ୍ମପୁରର ଗୌରବ: ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ

ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ବରଗଡ଼ ଜିଲ୍ଲା ସୃଷ୍ଟି କରିଛି ଉଲ୍ଲେଖନୀୟ ଉଦାହରଣ । ଏହାରି ମଧ୍ୟରେ ପଦ୍ମପୁର ବ୍ଲକ ସ୍ଥିତ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ଅବଦାନ ଜିଲ୍ଲା ପାଇଁ ଆଣିଦେଇଛି ଗର୍ବ ଓ ଗୌରବ । ୧୦ ଜଣ ମହିଳାଙ୍କ ଉଦ୍ୟମରେ ୨୦୧୮ ମସିହା ଅଗଷ୍ଟ ୭ ତାରିଖରେ ମହିଳାଙ୍କୁ ସଶକ୍ତ କରିବା ସହ ସ୍ଥାନୀୟ ଜୀବିକାକୁ ସୁଦୃଢ କରିବାର ଲକ୍ଷ୍ୟ ନେଇ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କରାଯାଇଥିଲା । କିଛି ନୂଆ କରି ଦେଖାଇବାର ଦୃଢ ଇଚ୍ଛାଶକ୍ତି ଏବଂ ନିରନ୍ତର ପରିଶ୍ରମ ଆଜି ସେମାନଙ୍କୁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିଛି ।

ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟର ବ୍ୟାପକତା ପାଇଁ ଶ୍ରୀ ଅନ୍ନ ଅଭିଯାନର ତରଫରୁ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ଖାତା ଓ ରେକର୍ଡ଼ ପରିଚାଳନା, ବିଭିନ୍ନ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତି ଆଦି ସମ୍ପର୍କିତ ତାଲିମ୍ ପ୍ରଦାନ କରାଯାଇ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟରର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ୨୦୨୩ ମସିହା ଜାନୁଆରୀ ୧୯ ତାରିଖରେ ମାନ୍ୟବର ସାଂସଦ ଏବଂ

ଉପ ଜିଲ୍ଲାପାଳଙ୍କ ଦ୍ୱାରା ଏହି ଟିଫିନ୍ ସେଣ୍ଟର ଉଦଘାଟନ କରାଯାଇଥିଲା । ଯାହା ଗୋଷ୍ଠୀର ମହିଳାଙ୍କ ପାଇଁ ଏକ ବଡ଼ ସଫଳତା ଥିଲା ।
ଏହି ଟିଫିନ୍ ସେଣ୍ଟରଟି ବର୍ତ୍ତମାନ ଗୋଷ୍ଠୀର ସଭାପତି ଅନୁପମା ପ୍ରଧାନଙ୍କ ଦ୍ୱାରା ପ୍ରତିଦିନ ସକାଳ ୬ ରୁ ୧୧ ଏବଂ ଅପରାହ୍ନ ୩ ରୁ ରାତି ୯ ପର୍ଯ୍ୟନ୍ତ ଦକ୍ଷ ଭାବରେ ପରିଚାଳିତ ହେଉଛି । ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ଖାଦ୍ୟ ରାନ୍ଧିବା, ପ୍ୟାକେଜିଂ ଏବଂ ଗ୍ରାହକଙ୍କୁ ଖାଦ୍ୟ ପରଷିବା ଆଦି କାର୍ଯ୍ୟ ତୁଲାଇଥାନ୍ତି । ଏନେଇ ଅନୁପମା କୁହନ୍ତି "ପ୍ରାରମ୍ଭରେ ଆମକୁ ବ୍ୟବସାୟ ସମ୍ପର୍କିତ ବେଶୀ କିଛି ଜ୍ଞାନ ନଥିଲା । କିନ୍ତୁ ଆଜି ଆମେ ନିଜର ଦୃଢ ଇଚ୍ଛାଶକ୍ତି ନେଇ ଆଗେଇ ଚାଲିଛୁ ଏବଂ ମିଲେଟ୍ ଟିଫିନ୍ ସେଣ୍ଟର ପରିଚାଳନା କରି ରୋଜଗାରକ୍ଷମ ହୋଇପରିଛୁ। ଲୋକମାନେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ବେଶ୍ ପସନ୍ଦ କରୁଛନ୍ତି । ଫଳରେ ଆମକୁ ଆମ ସଠିକ୍ ପାରିଶ୍ରମିକ ମିଳିପାରୁଛି । ତେଣୁ ଆମେ ଖୁସି ଅଛୁ"।
ମହିଳାମାନେ ଆଜି ମିଲେଟ୍ ଟିଫିନ୍ ସେଣ୍ଟର ପରିଚାଳନା କରି ରୋଜଗାରକ୍ଷମ ହେବା ସହ ନିଜ ଅଞ୍ଚଳରେ ପ୍ରଶଂସା ପାଇଛନ୍ତି । ଉକ୍ତ ଟିଫିନ୍ ସେଣ୍ଟରରେ ପାରମ୍ପରିକ ମାଣ୍ଡିଆରୁ ମହିଳାମାନଙ୍କ ହାତ ତିଆରି ଚକୁଳି, ଇଟିଲି, ଉପମା, ବରା, ଚପ୍, କାକରା, ଆରିଷା, ମାଲପୁଆ, ରୁଟି, ପୁରୀ ଏବଂ ଲବଙ୍ଗଲତା ଆଦି ଖାଦ୍ୟ ଦିନ ସମୟରେ ଉପଲବ୍ଧ ହେବା ସହ ମୋମୋ, ଚାଟ୍, ପକୁଡି, ରୁଟି, ମାଣ୍ଡିଆ ଚା' ଆଦି ସନ୍ଧ୍ୟା ସମୟରେ ବିକ୍ରି କରି ଲାଭବାନ ହୋଇପାରୁଛନ୍ତି । ସେମାନେ ଦୈନିକ ୨୫୦୦ ରୁ ୫୦୦୦ ଟଙ୍କା ରୋଜଗାର କରିବା ସହ ମାସିକ ୪୫,୦୦୦ ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି । ପ୍ରତି ମହିଳା ମାସିକ ପାଖାପାଖି ୫୦୦୦ ଟଙ୍କା ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ମହିଳାଙ୍କର ଏହି ପ୍ରୟାସ ଆଜି ସେମାନଙ୍କୁ ଆର୍ଥିକ ସ୍ତରରେ ସ୍ୱଚ୍ଛଳ କରିପାରିଛି ।
ଏନେଇ ସୁମିତ୍ରା ନାୟକ କୁହନ୍ତି "ଆଜି ଆମେ ଟିଫିନ୍ ସେଣ୍ଟର ପରିଚାଳନା କରିବା ସହ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିପାରୁଛୁ। ଯାହାଦ୍ୱାରା ଆମେ ଆଜି ନିଜର ନୂଆ ପରିଚୟ ସୃଷ୍ଟି କରିପାରିଛୁ।" ଅନ୍ୟପକ୍ଷରେ ରିନା ଭୋଇ କୁହନ୍ତି "ଆମେ ଆଜି ଆର୍ଥିକ କ୍ଷେତ୍ରରେ ସ୍ୱାଧୀନତା ପାଇପାରିଛୁ । ନିଜେ ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ପାଠ ପଢେଇ ପାରୁଛୁ । ତେଣୁ ଆମେ ଖୁସି ଅଛୁ ।"
ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ଏହି ସଫଳତମ ଯାତ୍ରା ଆଜି ପାରମ୍ପରିକ ପୁଷ୍ଟିକର ଖାଦ୍ୟକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ଦେବାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି। ଏନେଇ ଗୋଷ୍ଠୀର ସଭାପତି ଅନୁପମା ପଧାନ କୁହନ୍ତି, "ଟିଫିନ୍ ସେଣ୍ଟର ମାଧ୍ୟମରେ, ଆମେ ଆଜି କେବଳ ରୋଜଗାରକ୍ଷମ ହୋଇନାହୁଁ ବରଂ ଆମେ ଆଜି ଘରେ ଘରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପହଞ୍ଚାଇପାରୁଛୁ । ଯାହା ଆମ ପାଇଁ ଏକ ଗର୍ବର ବିଷୟ । ତେଣୁ ଆଗାମୀ ଦିନରେ ସୁଯୋଗ ପାଇଲେ ଆମେ ଆହୁରି ଆଗକୁ ବଢିବା ନେଇ ଆଶା ରଖିଛୁ ।" ଆଗାମୀ ୩ ବର୍ଷରେ ଗୋଷ୍ଠୀର ମହିଳାମାନେ ମିଲେଟ୍ ଶକ୍ତି କାଫେ ପ୍ରତିଷ୍ଠା କରି ପରିଚାଳନା ଦାୟିତ୍ୱ ତୁଲାଇବା ନେଇ ଆଶା ରଖିଛନ୍ତି ।





କେନ୍ଦୁଝର

# ୨୦ | ନାରୀ ସଶକ୍ତିକରଣର ଉଦାହରଣ ସାଜିଛନ୍ତି: କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ

ନାରୀ ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାରହଣ ସାଜିଛନ୍ତି କେନ୍ଦୁଝର ଜିଲ୍ଲା ଜାମୁହୋତା ଗ୍ରାମର କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ । ଦୃଢ ଇଚ୍ଛାଶକ୍ତି ନେଇ ଆଗେଇ ଚାଲିଥିବା ଗୋଷ୍ଠୀର ସଦସ୍ୟା ଆଜି ଅନେକ ମହିଳାଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଉତ୍ସ । ୨୦୦୯ ମସିହାରେ ୧୦ ଜଣ ମହିଳାଙ୍କ ଉଦ୍ୟମରେ ଗଢି ଉଠିଥିଲା ଏହି ସ୍ୱୟଂ ସହାୟକ ଗୋଷ୍ଠୀ । ପ୍ରଥମେ ମହିଳାମାନେ ୨୫ ଟଙ୍କା ଲେଖାଏଁ ସଞ୍ଚୟ କରୁଥିଲେ। ନା ଲାଭ ମିଳୁଥିଲା ନା କ୍ଷତି ସହିବାକୁ ପଡୁଥିଲା । ସଞ୍ଚୟ ହିଁ ଥିଲା ସେମାନଙ୍କର ଏକମାତ୍ର ପାଣ୍ଠି । ପୁନର୍ବାର ଗୋଷ୍ଠୀ ମଧ୍ୟରେ ଆଲୋଚନା ପରେ ସମସ୍ତେ ୨୫୦ ଟଙ୍କା ଲେଖାଏଁ ଆଦାୟ କରି ନିମିକି, ଲଡୁ ଆଦି ପ୍ରସ୍ତୁତ କରି ପାଖ ବଜାରରେ ବିକ୍ରି କଲେ। ଯଦ୍ୱାରା ସେମାନେ ପ୍ରଥମ ବିକ୍ରିରେ ୭୦୦ ଟଙ୍କା ରୋଜଗାର କରି ଆହୁରି ଅଧିକ ଖାଦ୍ୟ ସାମଗ୍ରୀ ଯଥା; ବଡ଼ି, ପାମ୍ପଡ଼, ଆଚାର ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ଆଗ୍ରହୀ ହେଲେ ।

ମହିଳାମାନେ ନିଜ ଉଦ୍ୟମରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିବାର ଜାଣି ୨୦୧୧ ମସିହାରେ ଏହି ଗୋଷ୍ଠୀକୁ ଆଇସିଡ଼ିଏସ୍ ତରଫରୁ ଏକ ଛତୁଆ ୟୁନିଟ୍ ପ୍ରଦାନ କରାଗଲା । ଯାହାର ପରିଚାଳନା ନିମନ୍ତେ ସେମାନଙ୍କୁ ୧ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଗଲା । ପ୍ରଥମେ ବିନା ଯନ୍ତ୍ରପାତି ଏବଂ ଖାତା ପରିଚାଳନାର ଜ୍ଞାନ ନ ଥିବା ହେତୁ ବହୁ ସମସ୍ୟା ଉପୁଜୁଥିଲା । କିନ୍ତୁ ସମୟ କ୍ରମେ ଦୃଢ ମନୋବଳ ଏବଂ ଏକାଗ୍ରତା ସେମାନଙ୍କ ଉଦ୍ୟୋଗକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲା ।

କଥାରେ ଅଛି,"ଇଛା ଶକ୍ତି ଥିଲେ ସବୁ ସମ୍ଭବ ହୋଇଥାଏ"। ଆଉ ତାହା ହିଁ ସତ । ୨୦୨୨ ମସିହାରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କେନ୍ଦୁଝରରେ ମିଲେଟ୍ ଶକ୍ତି କାଫେର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କର କ୍ଷମତାକୁ ବୃଦ୍ଧି କରିବା ପାଇଁ ସେମାନଙ୍କୁ ଭୁବନେଶ୍ୱର ସ୍ଥିତ ହୋଟେଲ୍ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ୍ ରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ପ୍ରସ୍ତୁତି, କାଫେ ଏବଂ ଖାତା ପରିଚାଳନା ସମ୍ପର୍କିତ ତାଲିମ୍ ପ୍ରଦାନ କରାଯାଇଥିଲା । ଏହାସହ ପୁନେ ସ୍ଥିତ ଆଗ୍ରୋଜି ଅର୍ଗାନିକ୍ସ ଏବଂ ମହୀଶୂର ସ୍ଥିତ ସିଏଫଟିଆରଆଇରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ ତରଫରୁ ପ୍ୟାକେଜିଂ ଏବଂ ବ୍ରାଣ୍ଡିଂକୁ ନେଇ ତାଲିମ ପ୍ରଦାନ କରାଯାଇଥିଲା । ମହିଳାମାନେ ବାରାଣସୀରେ ମଧ୍ୟ ମାଣ୍ଡିଆ କୁକିଜ୍ ପ୍ରସ୍ତୁତ କରିବାର ତାଲିମ୍ ଗ୍ରହଣ କରିଥିଲେ ।

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି ମିଲେଟ୍ ଶକ୍ତି କାଫେ ବର୍ତ୍ତମାନ ବେଶ୍ ଆଦର ସାଉଁଟିଛି । ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ଖାଇବା ପାଇଁ ପ୍ରତିଦିନ ୨୦୦ ରୁ ୨୫୦ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । କାଫେରେ ଉପଲବ୍ଧ ପାରମ୍ପରିକ ମାଣ୍ଡିଆରୁ ପ୍ରସ୍ତୁତ ଚକୁଳି, ଇଟିଲି, ବରା, ପକୁଡ଼ି, ପିଠା, ଚାଓମିନ୍ ଏବଂ ମୋମୋ ଆଦି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଜିଲ୍ଲାସ୍ତରୀୟ ମେଳା ମହୋତ୍ସବରେ ମାଣ୍ଡିଆ ମୋମୋ ଲୋକମାନଙ୍କ ପସନ୍ଦର କେନ୍ଦ୍ରବିନ୍ଦୁ ପାଲଟିଛି । ଏନେଇ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ବର୍ଷ ଆୟୋଜିତ ହର୍ବାଲ ମେଳାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କଠାରୁ "ଶ୍ରେଷ୍ଠ ଖାଦ୍ୟ ଷ୍ଟଲ" ପାଇଁ ପୁରସ୍କାର ଗ୍ରହଣ କରିଛନ୍ତି । ମହିଳାମାନଙ୍କ ଦ୍ୱାରା ପରିଚାଳିତ କାଫେରୁ ମାସିକ ୨ ଲକ୍ଷ ଟଙ୍କା ରୋଜଗାର ହେଉଥିବା ବେଳେ ପ୍ରତି ମହିଳା ପ୍ରାୟ ୧୦ ହଜାର ଟଙ୍କା ଲାଭ ପାଇପାରୁଛନ୍ତି । ସେମାନେ ଆଜି ଆର୍ଥିକସ୍ତରରେ ସୁଦୃଢ଼ ହୋଇପାରିଛନ୍ତି ।

ଏନେଇ ଗୋଷ୍ଠୀର ସଭାପତି ଗଙ୍ଗା ସିଂ କୁହନ୍ତି "ଆଜି କେବଳ କେନ୍ଦୁଝରରେ ନୁହେଁ ବରଂ ରାଜ୍ୟ ବାହାରେ ମଧ୍ୟ ଆମେ ପରିଚିତ । ଦିଲ୍ଲୀରେ ଆୟୋଜିତ ମିଲେଟ୍ସ ମିଲିୟନ୍ସ କନଭେନସନ୍ ଏବଂ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ କାର୍ଯ୍ୟକ୍ରମରେ ଆମେମାନେ ଯୋଗ ଦେଇ ନିଜ ହାତ ତିଆରି ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରିବା ସହ ସଂସଦର ସଦସ୍ୟମାନଙ୍କୁ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲୁ। ଆଉ ଏହା ହିଁ ଆମ ପାଇଁ ଏକ ବଡ଼ ସଫଳତା ଥିଲା" ।



ସେହିପରି ଗୋଷ୍ଠୀର ସଦସ୍ୟା ଯଶୋଦା ତାଣ୍ଡି କୁହନ୍ତି, "ମିଲେଟ୍ କାଫେ ଆମକୁ ରୋଜଗାରକ୍ଷମ କରାଇଛି । ମୁଁ ଏବେ ମୋ ପରିବାରର ଖର୍ଚ୍ଚ ଉଠାଇବା ସହ ବିନା ଦ୍ୱନ୍ଦରେ ପିଲାମାନଙ୍କୁ ପାଠ ପଢେଇ ପାରୁଛି"। କାଫେକୁ ଲୋକମାନେ ବେଶ୍ ପସନ୍ଦ କରୁଥିବାରୁ ଗୋଷ୍ଠୀର ସଦସ୍ୟାମାନେ ଆଗାମୀ ଦିନରେ ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣର ମାନ ବୃଦ୍ଧି କରି ଏକ ବେକରି ୟୁନିଟ୍ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ବାହାରେ ଏହି ପୁଷ୍ଟିକର ଖାଦ୍ୟ ସାମଗ୍ରୀଗୁଡ଼ିକୁ ଯୋଗାଣ କରିବାର ଲକ୍ଷ୍ୟ ନେଇ ସେମାନେ ପୁଷ୍ଟିଶସ୍ୟ ଖାଦ୍ୟ ସାମଗ୍ରୀର ପ୍ୟାକେଜିଂକୁ ଉନ୍ନତ କରିବା ନେଇ ମଧ୍ୟ ଚେଷ୍ଟା ଜାରି ରଖିଛନ୍ତି ।



କଳାହାଣ୍ଡି

# ୨୧ | ମହିଳାଙ୍କ ଦ୍ୱାରା ଜୈବିକ ଖତ ଦେଖାଇଛି ରୋଜଗାରର ପଥ

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଜୈବିକ ଖତ ଦେଖାଇଛି ରୋଜଗାର ପଥ । ମାଣ୍ଡିଆ ଚାଷ କରିବା ସହ ଜୈବିକ ଖତ ପ୍ରସ୍ତୁତ କରି ସ୍ୱାବଲମ୍ବନର ରାହା ପାଇପାରିଛନ୍ତି ମହିଳାମାନେ । ଏପରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସ୍ଥିତ ଗୋଇନ୍ଦାମୁଣ୍ଡା ଗ୍ରାମର ପ୍ରବୁଦ୍ଧ ଭାରତ ସ୍ୱୟଂ ସହାୟକ ଗୋଷ୍ଠୀ । ୨୦୦୪ ମସିହାରେ ୧୦ ଜଣ ମହିଳାଙ୍କ ଉଦ୍ୟମରେ ଏହି ଗୋଷ୍ଠୀ ଆରମ୍ଭ ହୋଇଥିଲା । ପୂର୍ବରୁ ଗୋଷ୍ଠୀର ମହିଳାମାନେ ଛେଳି ପାଳନ ଏବଂ ପନିପରିବା ଚାଷ କରୁଥିଲେ । ୨୦୨୨ ମସିହାରୁ ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସେମାନେ ମାଣ୍ଡିଆ ଚାଷ ଏବଂ ଚାଷରେ ବ୍ୟବହୃତ ଜୈବିକ ଖତ ସମ୍ପର୍କରେ ଜାଣିବାକୁ ପାଇଲେ । ପରେ ଗୋଷ୍ଠୀର ମହିଳାମାନେ ମାଣ୍ଡିଆ ଚାଷ କରିବା ସହ ଜୈବିକ ଖତ କେନ୍ଦ୍ର ପରିଚାଳନା କରି ରୋଜଗାରକ୍ଷମ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ଗୋଷ୍ଠୀର ମହିଳାମାନେ ଜୈବିକ ଖତ ତଥା ବୀଜାମୃତ, ଜୀବାମୃତ, ନିମାସ୍ତ୍ର, ହାଣ୍ଡିଖତ ଏବଂ ଜିଆଖତ ଆଦି ପ୍ରସ୍ତୁତ କରୁଛନ୍ତି । ବୋତଲ ପିଛା ୨୦ ଟଙ୍କା ହିସାବରେ ମାସକୁ ପ୍ରାୟ ୪୦୦ ରୁ ୫୦୦ ବୋତଲ ଜୈବିକ ଖତ ପ୍ରସ୍ତୁତ କରି ଚାଷୀମାନଙ୍କୁ ଯୋଗାଇଦେଉଛନ୍ତି । ଯଦ୍ୱାରା

ସେମାନେ ବାର୍ଷିକ ପ୍ରାୟ ୧ ଲକ୍ଷ ଟଙ୍କା ଲାଭ ପାଇପାରୁଛନ୍ତି । ନିଜ ଗ୍ରାମର ଚାଷୀମାନଙ୍କ ବ୍ୟତୀତ ଆଖପାଖ ଗାଁ'ର ଚାଷୀମାନେ ମଧ୍ୟ ସେମାନଙ୍କଠାରୁ ଜୈବିକ ଖତ କ୍ରୟ କରୁଛନ୍ତି । ଚାଷୀମାନେ କ୍ଷେତରେ ଗୋମୂତ୍ର, ଚୂନ, ଗୋବର, ଉଇମାଟି ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀରୁ ପ୍ରସ୍ତୁତ ଜୈବିକ ଖତ ପ୍ରୟୋଗ କରି ଚାଷ କ୍ଷେତକୁ ରୋଗପୋକ ଦାଉରୁ ମୁକ୍ତ କରିପାରିବା ସହ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ରାସାୟନିକ ସାର ଓ କୀଟନାଶକଠାରୁ ଫସଲକୁ ଦୂରେଇ ରଖିପାରୁଛନ୍ତି ।

ମହିଳାମାନେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରି ଜୈବିକ ଖତର ବ୍ୟବହାର, ପରିବେଶ ପ୍ରତି ଥିବା ଏହାର ଉପକାରିତା ଏବଂ ମାଟିର ଉର୍ବରତାକୁ ବୃଦ୍ଧି କରିବାରେ ଏହାର ଭୂମିକା ଆଦି ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି । ଏହାସହ ସ୍ଥାନୀୟ ବଜାରରେ ଜୈବିକ ଖତ ସମ୍ପର୍କିତ ପୁସ୍ତିକା ବଣ୍ଟନ କରିବା ସହ କାନ୍ଥରେ ବିଭିନ୍ନ ଚିତ୍ର ମାଧ୍ୟମରେ ସଚେତନ କରାଉଛନ୍ତି । ଫଳରେ ଆଖପାଖ ୯ଟି ଗ୍ରାମର ପ୍ରାୟ ୪୦୦ ଚାଷୀ ଏହି ଜୈବିକ ଖତ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି।

ଏନେଇ ଚାଷୀ ରାମ ବାଘ୍ କୁହନ୍ତି, "ମୁଁ ପ୍ରଭୂଦ୍ଧ ଭାରତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କଠାରୁ ୨୦୨୨ ମସିହାରୁ ଜୈବିକ କ୍ରୟ କରି ମାଣ୍ଡିଆ, କୋଦ, କାଙ୍ଗୁ ଏବଂ ଅନ୍ୟାନ୍ୟ ଫସଲରେ ପ୍ରୟୋଗ କରିଆସୁଛି । ବୀଜାମୃତକୁ ପାଣିରେ ଗୋଳାଇ ସେଥିରେ ମଞ୍ଜି ବିଶୋଧନ କରି, ଶୁଖାଇ ତଳି ପକାଉଛି । ପତ୍ର ନ ଝାଉଁଳିବା ସହ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ନିମାସ୍ତ୍ର ପ୍ରୟୋଗ କରୁଛି । ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ ଏହି ଜୈବିକ ଖତ ମୋ ଫସଲକୁ ସତେଜ ରଖିବା ସହ ଉତ୍ପାଦନ ବୃଦ୍ଧି କରିଛି । ସେ ଖତ ହେଉ ଅବା ସାର, ପୂର୍ବରୁ ଏହାକୁ ପାଇବା ପାଇଁ ଆମକୁ ଦୂର ବଜାର ଯିବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଜୈବିକ ଖତ ହାତ ପାହାନ୍ତାରେ ଉପଲବ୍ଧ ହେଉଛି । ତେଣୁ ମହିଳାମାନଙ୍କର ଏପରି ପଦକ୍ଷେପ ପ୍ରଶଂସାଯୋଗ୍ୟ" ।

ଏନେଇ ଅନ୍ୟ ଜଣେ ଚାଷୀ ଶୀତ ନାୟକ କୁହନ୍ତି "ଚାଷ ଜମିରେ ଜୈବିକ ଖତ ବ୍ୟବହାର କରିବା ପରଠାରୁ ମୋ ଜମିର ଉର୍ବରତା ଫେରି ଆସିଛି । ଫସଲର ଅମଳକ୍ଷମ କ୍ଷମତା ବୃଦ୍ଧି ପାଇବା ସହ ରୋଗପୋକ ଦାଉରୁ ରକ୍ଷା ପାଇପାରୁଛି । ଜୈବିକ ସାମଗ୍ରୀରେ ପ୍ରସ୍ତୁତ ଏହି ଖତ ମୋ ଚାଷ ଜମି ପାଇଁ ବରଦାନ ସାଜିଛି । ପ୍ରଭୂଦ୍ଧ ଭାରତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚାଷ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛନ୍ତି ।"



ଅନ୍ୟପକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜୈବିକ ଖତ ପ୍ରସ୍ତୁତ କରିବା ସହ ମାଣ୍ଡିଆ, କୋଦ, କାଙ୍ଗୁ ଆଦି ପୁଷ୍ଟିଶସ୍ୟ ଚାଷ କରୁଛନ୍ତି ଏବଂ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ଅଧିକରୁ ଅଧିକ ଲାଭବାନ ହୋଇପାରୁଛନ୍ତି। କେବଳ ଏତିକି ନୁହେଁ ବରଂ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଭବାନୀପାଟଣାରେ ଆୟୋଜିତ ଫୁଡ୍ ଫେଷ୍ଟିଭାଲ, କର୍ଲାମୁଣ୍ଡାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗାଇ ଦେଇ ଉଚିତ୍ ପାରିଶ୍ରମିକ ପାଇପାରୁଛନ୍ତି ।

ଏନେଇ ପ୍ରଭୂଦ୍ଧ ଭାରତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାନୁମତୀ ପ୍ରଧାନ କୁହନ୍ତି, "ସମସ୍ତେ ମିଳିମିଶି କାର୍ଯ୍ୟ କରୁଛୁ । ଶ୍ରୀ ଅନ୍ନ ଅଭିଯାନର ପ୍ରୋତ୍ସାହନ ଫଳରେ ସ୍ୱାବଲମ୍ବୀ ହୋଇପାରିଛୁ । ତେବେ ଆସନ୍ତୁ, "ଜୈବିକ ଖତ ଆପଣେଇବା, ରାସାୟନିକକୁ ଦୂରେଇ ଦେବା"



ମାଲକାନଗିରି

# ୨୨ | ଚାଷୀଙ୍କୁ ସଶକ୍ତ କରୁଛି କୃଷି ଯନ୍ତ୍ରପାତି ଭଡା କେନ୍ଦ୍ର

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଅଧିକାଂଶ ଲୋକ ଚାଷବାସ ଉପରେ ନିର୍ଭର କରିଥାନ୍ତି। ବିଶେଷକରି ଚାଷୀମାନେ ପାରମ୍ପରିକ ଉପକରଣ ବ୍ୟବହାର କରୁଥିବାରୁ ସମୟ ନଷ୍ଟ ହେବା ସହ ଖର୍ଚ୍ଚ ବୃଦ୍ଧି ଏବଂ ଉତ୍ପାଦନ ହ୍ରାସ ହେଉଥିଲା । ଆଧୁନିକ କୃଷି ଉପକରଣର ସୀମିତ ଉପଯୋଗ ଯୋଗୁଁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ମାଣ୍ଡିଆ ଚାଷ ହେଉଛି ରୋଜଗାର ଓ ଖାଦ୍ୟର ପ୍ରମୁଖ ଉତ୍ସ ।

ଶ୍ରୀ ଅନ୍ନ ଅଭିଯାନ ଅଧିନରେ ପୁଷ୍ଟିଶସ୍ୟ ଚାଷ ଓ ଖାଦ୍ୟକୁ ପ୍ରୋତ୍ସାହନ ଦେଉଥିବା ସାବେରୀ ସେତୁ କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ରାମାଗୁଡ଼ା ଗ୍ରାମରେ ଏକ କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର ସ୍ଥାପନ କରାଯାଇଥିଲା । ୨୦୧୭-୧୮ ମସିହାରେ ସ୍ଥାପନ ହୋଇଥିବା ଏହି କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର ସ୍ଥାନୀୟ ଚାଷୀଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି । ଏହି କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ କମ୍ ଟଙ୍କାରେ ଆଧୁନିକ କୃଷି ଉପକରଣ ଯୋଗାଇ ଦିଆଯାଉଛି ।

ବ୍ଲକର ସମସ୍ତ ଚାଷୀଙ୍କୁ ଏହି ସୁବିଧା ଯୋଗାଇଦେବା ପାଇଁ ପରବର୍ତ୍ତୀ ସମୟରେ ସାଲିମୀ, ଧୁଙ୍ଗିଆପୁଟ ପାଙ୍ଗାମରେ ତିନୋଟି କୃଷି ଯନ୍ତ୍ରପାତି ଭଡା

ଉପ-କେନ୍ଦ୍ର ସ୍ଥାପନ କରାଯାଇଛି । ଏହାର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଦିଆଯାଇଛି । ଯାହାଦ୍ୱାରା ଚାଷୀମାନେ ବେଶ୍ ଉପକୃତ ହୋଇପାରୁଛନ୍ତି । ଏଥିରେ ୧୫୫ ଟି ସାଇକେଲ୍ ୱିଡର୍, ୨୭ଟି ସିଞ୍ଚନ ଯନ୍ତ୍ର, ୪ଟି ପମ୍ପ ସେଟ୍, ୧୦ଟି ମାର୍କର୍, ୧୪ଟି ସିଡିଂ ଡିଭାଇସ୍ ଏବଂ ୬ଟି ଉଡ଼ାଇବା ପଙ୍ଖା ଉପଲବ୍ଧ ରହିଛି । ଏହି ଯନ୍ତ୍ରପାତିଗୁଡ଼ିକ ଘାସ ବଛା, ଜୈବିକ ଖତ ସିଞ୍ଚନ, ଥ୍ରେସିଂ ଆଦି କାମରେ ବ୍ୟବହାର କରାଯାଉଛି । ଯାହା ସେମାନଙ୍କ ଶ୍ରମ ଏବଂ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହୋଇପାରିଛି । ପୂର୍ବରୁ ପାରମ୍ପରିକ ଚାଷ ପଦ୍ଧତି ଉପରେ ନିର୍ଭର କରୁଥିବା ଚାଷୀମାନେ ଏବେ କମ୍ ସମୟରେ, କମ୍ ପରିଶ୍ରମରେ ଅଧିକ ଜମିରେ ଚାଷ କରିପାରୁଛନ୍ତି । କଠିନ ପରିଶ୍ରମ ଏବଂ ଖର୍ଚ୍ଚ ହ୍ରାସ ହେବା ଦ୍ୱାରା ଅଧିକ ଚାଷୀ ପୁଷ୍ଟିଶସ୍ୟ ଚାଷକୁ ଆପଣାଇ ଲାଭବାନ ହୋଇପାରୁଛନ୍ତି ।

୨୦୨୧ ରୁ ୨୦୨୪ ମସିହା ମଧ୍ୟରେ ୬ହଜାର ୯ଶହରୁ ଅଧିକ ଚାଷୀ ୪ଟି କେନ୍ଦ୍ରରୁ କୃଷି ଉପକରଣ ପାଇ ଉପକୃତ ହୋଇଥିଲେ । କେବଳ ୨୦୨୨-୨୩ରେ ୨୦୦୦ରୁ ଅଧିକ ଚାଷୀ ଉପକୃତ ହୋଇଥିଲେ। କୃଷି ଯନ୍ତ୍ରପାତି ଭଡା କେନ୍ଦ୍ର ମାଧ୍ୟମରେ ହେଉଥିବା ଆୟକୁ ଉପକରଣର ରକ୍ଷଣାବେକ୍ଷଣ ଏବଂ ଚାଷୀ ଉତ୍ପାଦକ କମ୍ପାନୀର ବିକାଶରେ ପୁନଃନିବେଶ କରାଯାଉଛି । ଏହାସହିତ ଗୋଷ୍ଠୀସ୍ତରରେ ଚାଷୀଙ୍କୁ ଏହି ସେବା ଯୋଗାଇଦେବାରେ ସକ୍ଷମ ହୋଇପାରିଛନ୍ତି ।

ମାଥିଲିର ଆଦିବାସୀ ଚାଷୀଙ୍କ ପାଇଁ, ଏହି କୃଷି ଯନ୍ତ୍ରପାତି ଭଡା କେନ୍ଦ୍ର କେବଳ ଯନ୍ତ୍ରପାତିର ଏକ ଭଣ୍ଡାର ନୁହେଁ ବରଂ ସେମାନଙ୍କୁ କୃଷିକ୍ଷେତ୍ରରେ ସଶକ୍ତ କରିବାର ମାଧ୍ୟମ ସାଜିଛି । ଏହା ଆତ୍ମନିର୍ଭରଶୀଳତା ଏବଂ ପ୍ରଗତିର ପ୍ରତୀକ ପାଲଟିଛି । ଏହା ସ୍ଥାନୀୟ ପୁଷ୍ଟିଶସ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛି, ଉତ୍ପାଦନ ବୃଦ୍ଧି ଏବଂ ଅଧିକ ଚାଷୀଙ୍କୁ ଚିରନ୍ତନ କୃଷି ପଦ୍ଧତିକୁ ଆପଣାଇବାକୁ ପ୍ରୋତ୍ସାହିତ କରିଛି ।

ଏସମ୍ପର୍କରେ ମହିଳା ଚାଷୀ ସବିତା ଜାନି କୁହନ୍ତି, "କଷ୍ଟମ୍ ହାୟାରିଂ ସେଣ୍ଟର ସ୍ଥାପନ ଦ୍ୱାରା ଚାଷ କାମ ଆହୁରି ସହଜ ହୋଇପାରିଛି । ମାଣ୍ଡିଆ ରୋପଣ ଠାରୁ ଆରମ୍ଭ କରି ଅମଳ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଏଥିରୁ ଆମେ ଉପକୃତ ହୋଇପାରିଛୁ। ପୂର୍ବ ଅପେକ୍ଷା ଶ୍ରମ ଲାଘବ ହେବା ସହ କମ୍ ଖର୍ଚ୍ଚରେ ଲାଭବାନ ହୋଇପାରିଛୁ । ଏହାସହିତ ଅମଳ ମଧ୍ୟ ବୃଦ୍ଧି ହୋଇଛି । ଆଜି ଆମ ପରିବାର ଏବଂ ଆମ ଗାଁ ପାଇଁ ପୁଷ୍ଟିଶସ୍ୟ ଚାଷ ନୂତନ ସମ୍ଭାବନା ସୃଷ୍ଟି କରିଛି । ପୂର୍ବରୁ, ଆମେ ପ୍ରତିଦିନ ଚାଷ ଜମିରୁ ଘାସ ବାଛିବା ପାଇଁ ୫-୬ ଘଣ୍ଟା ସମୟ ଦେଉଥିଲୁ। ଏବେ, କୃଷି ଯନ୍ତ୍ରପାତି ଭଡା କେନ୍ଦ୍ରରୁ ସାଇକେଲ ୱିଡର୍ ନେଇ ଘାସ ବାଛିବା ପାଇଁ ୩ ଘଣ୍ଟା ସମୟ ଲାଗୁଛି ।"





ନୂଆପଡ଼ା

# ୨୩ | ନୂଆପଡ଼ାର ଶଶୀଧର: ଦାଦନ ଛାଡି ହେଲେ ସଫଳ ମାଣ୍ଡିଆ ଚାଷୀ

ରୋଜଗାରର ରାହା ଦେଖାଇଛି ମାଣ୍ଡିଆ ଚାଷ । ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ଖରା ବରଷାକୁ ଖାତିରି ନ କରି ପରିବାର ମୁହଁରେ ଖାଦ୍ୟ ଦେବା ପାଇଁ ଅନ୍ୟ ରାଜ୍ୟରେ ସାହାରା ଖୋଜୁଥିବା ଅନେକ ବ୍ୟକ୍ତି ଆଜି ମାଣ୍ଡିଆ ଚାଷ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ବାପା ଅଜା ଅମଳରୁ ଚାଷ ହୋଇ ଆସୁଥିବା ପାରମ୍ପରିକ ମାଣ୍ଡିଆ ଆଜି ଅନେକଙ୍କୁ ସ୍ୱାଭିମାନର ସହ ବଞ୍ଚିବାକୁ ସୁଯୋଗ ଦେଇଛି । ସେହିପରି ପ୍ରତିକୂଳ ପରିସ୍ଥିତି ଯୋଗୁଁ ଦାଦନ ବୃତ୍ତିକୁ ଆପଣାଇଥିବା ନୂଆପଡ଼ା ଜିଲ୍ଲାର ଶଶୀଧର ପୋଢ଼ ଜୀବନ ଯାତ୍ରାରେ ହାରି ନ ଯାଇ ଆଜି ଜଣେ ସଫଳ ମାଣ୍ଡିଆ ଚାଷୀ ଭାବେ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିପାରିଛନ୍ତି ।

ନୂଆପଡ଼ା ଜିଲ୍ଲା ସିନାପାଲ୍ଲୀ ବ୍ଲକ ସ୍ଥିତ ଦର୍ଲିପଡ଼ା ଗ୍ରାମରେ ନିଜ ପରିବାର ସହ ବସବାସ କରୁଥିବା ଶଶୀଧର ପୂର୍ବରୁ ଆର୍ଥିକ ଅନଟନ ଘେରରେ ରହି ଜୀବନ ଅତିବାହିତ କରୁଥିଲେ । ଦୁଇ ଓଳିର ଖାଦ୍ୟ ଖାଇବା ସତେ ଯେପରି ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା । ଝିଅମାନଙ୍କୁ ପାଠ ପଢ଼ାଇବା ଏବଂ ସେମାନଙ୍କ ବିବାହ କରାଇବା ତାଙ୍କ ବୋଝ ଉପରେ ନଳିତା ବିଡ଼ା ସାଜିଥିଲା । ଯାହାଫଳରେ ସେ ନିଜ ପାଖରେ ଥିବା ଜମିକୁ ବନ୍ଧା ପକାଇ ଝିଅମାନଙ୍କର ବିବାହ କରିବାକୁ ବାଧ ହୋଇଥିଲେ । ପରେ ଶଶୀଧର ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଆନ୍ଧ୍ର ଯାଇ ଦାଦନ

ବୃତ୍ତିକୁ ଆପଣେଇଥିଲେ । ନିଜ ପରିବାର ମୁହଁରେ ଟିକେଏ ଆହାର ଦେବା ପାଇଁ ସେ ଆନ୍ଧ୍ରରେ ଇଟା ଭାଟିରେ କାମ କରୁଥିଲେ । ସେଠାରେ ଇଟା ଗଢ଼ିବା ଏବଂ ଗୋଟିଏ ଓଳିର ଖାଦ୍ୟ ଖାଇ ସେହି କଞ୍ଚା ଇଟା ଉପରେ ପାଲ ଟାଣି ଶୋଇବା ଥିଲା ତାଙ୍କର ନିତିଦିନିଆ ଜୀବନ । ସେଥିରୁ ଯାହା ରୋଜଗାର ହେଉଥିଲା ସେଥିରେ ସେ ପରିବାର ଚଳାଉଥିଲେ । ମନରେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାର ଇଚ୍ଛା ଥିବା ସତ୍ତ୍ୱେ ଆର୍ଥିକ ପରିସ୍ଥିତି ଆଗରେ ସେ ସେ ମୁଣ୍ଡ ନୂଆଇଁ ଥିଲେ । ଟଙ୍କା ପାଇଁ ଘରଠାରୁ ବର୍ଷ ବର୍ଷ ଧରି ଦୂରରେ ରହି ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

୨୦୨୧ ବର୍ଷ ଖରିଫ ଋତୁରେ ଶଶୀଧର ଘରକୁ ଫେରିଥିବା ସମୟରେ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ମାଣ୍ଡିଆ ଚାଷର ଉପକାରିତା, ସରକାରୀ ପ୍ରୋତ୍ସାହନ, ସଘନ ଚାଷ ପଦ୍ଧତି ଏବଂ ମଣ୍ଡି ବ୍ୟବସ୍ଥା ଆଦି ସମ୍ପର୍କରେ ଅବଗତ ହୋଇ ଏଥିପ୍ରତି ଆଗ୍ରହୀ ହେଲେ । ପ୍ରଥମେ ଭଡାରେ ଜମି ନେଇ ପରୀକ୍ଷାମୂଳକ ଭାବେ ମାଣ୍ଡିଆ ଚାଷ ଆରମ୍ଭ କଲେ । ଲଭାନ୍ୱିତ ହେବାରୁ ଶଶୀଧର ଦାଦନ ବୃତ୍ତି ଛାଡ଼ି ମାଣ୍ଡିଆ ଚାଷକୁ ଆପଣେଇଲେ। ଗତବର୍ଷ ସେ ୩ ଏକର ଜମିରେ ଅମଳ କରିଥିବା ୨୧ କୁଇଣ୍ଟାଲ ମଣ୍ଡିଆରୁ ୨ କୁଇଣ୍ଟାଲ ଖାଦ୍ୟ ପାଇଁ ରଖି ବଳକା ୧୯ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ୮୫,୫୦୦ ଟଙ୍କା ଲାଭ ପାଇପାରିଛନ୍ତି । ଏହାସହ ମାଣ୍ଡିଆ ଚାଷ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ରାଶି ପାଇ ସେ ମାଣ୍ଡିଆ ଚାଷକୁ ନିଜର ରୋଜଗାରର ପନ୍ଥା ଭାବେ ବାଛି ନେଇଛନ୍ତି। ଶଶୀଧର ବର୍ତ୍ତମାନ ନିଜ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେଇ ନିଜର ସ୍ୱପ୍ନ ସାକାର କରିପାରିଛନ୍ତି । ଶଶୀଧରଙ୍କଠାରୁ ଅନୁପ୍ରାଣିତ ହୋଇ ଆଜି ଦର୍ଲିପଡ଼ା ଗ୍ରାମର ପ୍ରାୟ ୩୦ ଜଣ ଚାଷୀ ଦାଦନ ବୃତ୍ତିକୁ ଛାଡି ମାଣ୍ଡିଆ ଚାଷକୁ ଆପଣେଇ ରୋଜଗାରକ୍ଷମ ହୋଇପାରିଛନ୍ତି ।

ଏନେଇ ଶଶୀଧର କୁହନ୍ତି, "ଦାଦନ ବୃତ୍ତି ମୋ ପାଇଁ ସବୁଠାରୁ ଦୁଃଖଦକର ସମୟ । ନିଜ ପରିବାରକୁ ଛାଡି ବର୍ଷ ବର୍ଷ ବାହାରେ ରହି ମୂଲ ଲାଗିବା ପ୍ରତ୍ୟେକଟି ଶ୍ରମିକ ପାଇଁ ବହୁତ କଷ୍ଟକର । ସୁଯୋଗର ଅଭାବ ମତେ ଅନ୍ୟ ରାଜ୍ୟକୁ ଯିବା ପାଇଁ ବାଧ କରିଥିଲା । କିନ୍ତୁ ଶ୍ରୀ ଅନ୍ନ ଅଭିଯାନ ଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ଦ୍ୱାରା ଆଜି ମୋ ପରି ଅନେକ ଚାଷୀ ଲାଭବାନ୍ ହୋଇପାରୁଛନ୍ତି । ଚାଷ କ୍ଷେତରୁ ମୁହଁ ଫେରାଇ ନେଉଥିବା ଯୁବ, ବୟସ୍କ ଏବଂ ମହିଳାମାନେ ପୁନର୍ବାର ଚାଷ କ୍ଷେତକୁ ଫେରି ଆସୁଛନ୍ତି । ପାରମ୍ପରିକ ପୁଷ୍ଟିଶସ୍ୟ ପୁନର୍ବାର ଖାଦ୍ୟଥାଳିରେ ସାମିଲ ହୋଇପାରିଛି । ଦାଦନ ସମସ୍ୟାର ଦୂରୀକରଣ ନିମନ୍ତେ ଏହା ଏକ ବରଦାନ ଭାବେ ଉଭା ହୋଉଛି । ତେଣୁ ଚାଷୀମାନଙ୍କ ପାଇଁ ଏପରି ଏକ ପଦକ୍ଷେପ ସ୍ୱାଗତଯୋଗ୍ୟ ।"



ଏନେଇ ଶଶୀଧରଙ୍କ ସ୍ତ୍ରୀ ପ୍ରମିଳା କୁହନ୍ତି "ପିଲାମାନଙ୍କୁ ପାଠ ପଢ଼ାଇବାର ସ୍ୱପ୍ନ ପୂରଣ ହେଲା । ସ୍ୱାମୀ ଆନ୍ଧ୍ର ଯିବା ପରେ ଘର ଏକା ସମ୍ଭାଳିବା ମୋ ପାଇଁ ବହୁତ କଷ୍ଟକର ଥିଲା । କିନ୍ତୁ ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି । ମାଣ୍ଡିଆ ଚାଷ ଆମକୁ ରୋଜଗାରର ପଥ ଦେଖାଇଛି । ତେଣୁ ଆମେ ମିଶି କିପରି ଅଧିକରୁ ଅଧିକ ମାଣ୍ଡିଆ ଚାଷ କରିବୁ ସେ ନେଇ ଯୋଜନା କରୁଛୁ" ।



କୋରାପୁଟ

# ୨୪ | ସଫଳ ଚାଷୀ ସୁଖଦେବଙ୍କର ପଲ୍ଲୀରୁ ଦିଲ୍ଲୀ ଯାତ୍ରା

କଥାରେ ଅଛି, ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁ ସମସ୍ୟା ହାର୍ ମାନିଥାଏ । ମନରେ କିଛି କରି ଦେଖାଇବାର ଇଚ୍ଛା ଏବଂ ଆତ୍ମବିଶ୍ୱାସ ହିଁ ପ୍ରତ୍ୟେକ କାମକୁ ସଫଳ କରିବାରେ ସାହାଯ୍ୟ କରେ । ଚାଷ କ୍ଷେତ୍ରରେ ଦୃଢ ଇଚ୍ଛାଶକ୍ତି ଦ୍ୱାରା ନିଜକୁ ପ୍ରତିଷ୍ଠିତ କରିପାରିଥିବା ଏପରି ଜଣେ ସଫଳ ଚାଷୀ ହେଉଛନ୍ତି ସୁଖଦେବ ସିଲପାଡ଼ିଆ । ଯିଏ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ସ୍ଥିତ ନିପଟ ମଫସଲ ପାଲିଗୁଡ଼ା ଗ୍ରାମରେ ଆଧୁନିକ ଜ୍ଞାନକୌଶଳକୁ ଆପଣେଇ ୨୧ ପ୍ରକାରର ମାଣ୍ଡିଆ ଚାଷ କରି ସୃଷ୍ଟି କରିଛନ୍ତି ଏକ ଭିନ୍ନ ପରିଚୟ ।

ସୁଖଦେବଙ୍କ କାହାଣୀ ଯେତିକି ସଂଘର୍ଷମୟ, ସେତିକି ହୃଦୟସ୍ପର୍ଶୀ । ଅଭାବ ଅସୁବିଧା ଘେରରେ ଥାଇ ମଧ୍ୟ ପଲ୍ଲୀରୁ ବାହାରି ଦିଲ୍ଲୀ ପର୍ଯ୍ୟନ୍ତର ଯାତ୍ରା ତାଙ୍କ ପାଇଁ ଏକ ପରିବର୍ତ୍ତନର ଧାରା ସୃଷ୍ଟି କରିପାରିଛି । ସେ କୋରାପୁଟ ଜିଲ୍ଲାର ଜଣେ ବେଶ୍ ଜଣାଶୁଣା ସଫଳ ମାଣ୍ଡିଆ ଚାଷୀ ଭାବେ ଖ୍ୟାତି ଲାଭ କରିଛନ୍ତି ।

୨୦୧୮ ମସିହାରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ପୁଷ୍ଟିଶସ୍ୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ମାଣ୍ଡିଆ ଚାଷ ଏବଂ ଏହାକୁ କରିବାର ସଠିକ୍ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ପୂର୍ବରୁ ଅଳ୍ପ କିଛି ମାଣ୍ଡିଆ ଚାଷ କରୁଥିଲେ ମଧ୍ୟ ସେତେ

ମାତ୍ରାରେ ଲାଭପ୍ରଦ ହୋଇପାରୁନଥିଲେ । ନା ଥିଲା ମଣ୍ଡି ବ୍ୟବସ୍ଥା ନା ମିଳୁଥିଲା ପ୍ରୋତ୍ସାହନ। ଶ୍ରୀ ଅନ୍ନ ଅଭିଯାନ ତରଫରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଚାଷର ସଠିକ୍ ପଦ୍ଧତି ସମ୍ପର୍କରେ ଜାଣି ମାଣ୍ଡିଆ ଚାଷ କରିବା ଆରମ୍ଭ କଲେ ।

ପ୍ରାରମ୍ଭରେ ସେ ବୈପାରୀଗୁଡା ବ୍ଲକ୍ ସ୍ଥିତ ସବୁଜିମା କୃଷକ ଉତ୍ପାଦକ ସଂଗଠନରୁ ମାଣ୍ଡିଆ ବିହନ ଏବଂ ସାଇକେଲ ଓ୍ୱିଡର ଆଣି ଅଧା ଏକର ଜମିରେ ୨୧ ପ୍ରକାରର ମାଣ୍ଡିଆ ଯଥା: ମାମି, ବାଟି, କଳା କେରେଙ୍ଗା, ରିଚକା, କଦଳୀ, ଡୁମୁରୀ, ଚିଲିକା, ଦଶରା, ବଡ଼ ମାଣ୍ଡିଆ, ସାନ ମାଣ୍ଡିଆ, ଗୁରୁଞ୍ଜୁ, କେରେଙ୍ଗା, ଜହ୍ନା ଆଦି ଚାଷ କରିଥିଲେ । ପ୍ରଶିକ୍ଷଣରୁ ଜୈବିକ ଖତ, ବିହନ ବୁଣିବାର ସଠିକ୍ ପଦ୍ଧତି ଆଦି ସମ୍ପର୍କରେ ଜାଣି ଚାଷ କରିବା ପରେ ସେ ପୂର୍ବ ଅପେକ୍ଷା ଅଧିକ ଲାଭବାନ ହେଲେ । ତେଣୁ ସେ ଗତବର୍ଷ ସଘନ ଚାଷ ପଦ୍ଧତି ଅବଲମ୍ବନ କରି ୩ ଏକର ଜମିରେ ଉତ୍ପାଦିତ କରିଥିବା ୨୨ କୁଇଣ୍ଟାଲ ମାଣ୍ଡିଆରୁ ୨୦ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ସର୍ବନିମ୍ନ ମୂଲ୍ୟରେ ବିକ୍ରି କରି ୯୦,୦୦୦ ଟଙ୍କା ଲାଭ ପାଇପାରିଛନ୍ତି। ତାଙ୍କର ଏହି ସଫଳତା ଏବଂ ଚାଷ କରିବାର ଶୈଳୀ ଗାଁ'ର ଲୋକମାନଙ୍କୁ ମାଣ୍ଡିଆ ଚାଷ କରିବା ପାଇଁ ପ୍ରୋତ୍ସାହିତ କରୁଛି।

ଦୃଢ଼ ମନୋବଳ ସହ ଆଗେଇ ଚାଲିଥିବା ସୁଖଦେବ କେବଳ ନିଜ ଗାଁ ରେ ନୁହେଁ ବରଂ ରାଜଧାନୀ ଦିଲ୍ଲୀରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ୨୦୨୩ ମସିହାରେ ଦିଲ୍ଲୀର ଏନ୍ଏଏସସି କମ୍ପ୍ଲେସରେ ଆୟୋଜିତ ହୋଇଥିବା 'ମିଲେଟ୍ସ ଫର୍ ମିଲିୟନସ୍' ରେ ଯୋଗ ଦେଇ ସେ "ଶ୍ରେଷ୍ଠ ମାଣ୍ଡିଆ ଚାଷୀ" ଭାବେ ପୁରସ୍କୃତ ହୋଇଛନ୍ତି । ୨୧ ପ୍ରକାରର ମାଣ୍ଡିଆ ଚାଷ କରି ନିଜ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଲୋକପ୍ରିୟତା ହାସଲ କରିଛନ୍ତି ।

ଏହି ସମ୍ପର୍କରେ ସୁଖଦେବ କୁହନ୍ତି ଯେ "ଶ୍ରୀ ଅନ୍ନ ଅଭିଯାନ ତରଫରୁ ଦିଆଯାଇଥିବା ତାଲିମ୍ ପରେ ମୁଁ ମାଣ୍ଡିଆ ଚାଷ କରିବାର ସଠିକ୍ ପ୍ରଣାଳୀ ଜାଣିବାକୁ ପାଇ ଚାଷ ଆରମ୍ଭ କରିଥିଲି । ଉତ୍ପାଦିତ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରି ଉଚିତ୍ ମୂଲ୍ୟ ପାଇପାରୁଛି । ଏଥିପାଇଁ ମୁଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସିତ ହୋଇଛି । ଦିଲ୍ଲୀ, କଲିକତା, ମୁମ୍ବାଇ ଭଳି ଅନେକ ସ୍ଥାନରେ ସମ୍ମାନିତ ହୋଇପାରିଛି ।



ଆଜି କେବଳ ସୁଖଦେବ ନୁହନ୍ତି ବରଂ ତାଙ୍କ ଭଳି ଅନେକ ଚାଷୀ ମାଣ୍ଡିଆ ଚାଷ ଦ୍ୱାରା ଉପକୃତ ହେଉଛନ୍ତି । ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ଚାଷ କରିବାଠାରୁ ଆରମ୍ଭ କରି ମଣ୍ଡିରେ ବିକ୍ରି କରିବା ଏବଂ ଉଚିତ୍ ମୂଲ୍ୟ ପାଇବା ପର୍ଯ୍ୟନ୍ତ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ଯାହାଦ୍ୱାରା ଚାଷୀମାନେ ଉଚିତ୍ ପାରିଶ୍ରମିକ ପାଇପାରୁଛନ୍ତି ।



ରାୟଗଡା

# ୨୪ | କାନ୍ଦଗରୀଙ୍କ ପାଇଁ ଶ୍ରୀ ଅନ୍ନ ଅଭିଯାନ ଆଣିଛି ନୂତନ ସମ୍ଭାବନା

ରାୟଗଡା ଜିଲ୍ଲାର ରେଭୋଲକାନା ଗ୍ରାମର ୬୧ ବର୍ଷୀୟ ଚାଷୀ କାନ୍ଦଗରୀ ନାଇଡୁ ନିଜର ୩ ଏକର ଜମିରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଚାଷ କରୁଛନ୍ତି । ଚାଷବାସ କରି ତାଙ୍କ ପରିବାର ପ୍ରତିପୋଷଣ କରନ୍ତି । ସେ ମୁଖ୍ୟତଃ ମାଣ୍ଡିଆ ଓ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି । ଦୀର୍ଘଦିନର କଠିନ ପରିଶ୍ରମ ସତ୍ତ୍ୱେ ଅମଳ କମ୍ ହେବା ସହ ଚାଷ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା । ଏଥିପାଇଁ ବହୁ ଉତଥାନ ପତନ ଦେଇ ଗତି କରିବାକୁ ପଡୁଥିଲା । ପାରମ୍ପରିକ ପଦ୍ଧତିରେ ସେ ମାଣ୍ଡିଆ ଚାଷ କରି ୧ ଏକରରେ ୩କ୍ୱିଣ୍ଟାଲରୁ କମ୍ ମାଣ୍ଡିଆ ଅମଳ କରୁଥିଲେ । ଫଳରେ ତାଙ୍କୁ ୧୬ ପ୍ରାଣୀ କୁଟୁମ୍ବ ପରିବାରକୁ ପ୍ରତିପୋଷଣ କରିବାରେ ସମସ୍ୟା ହେଉଥିଲା । ଏମିତିକି ଅଭାବ ଅନଟନ ଦେଇ ଗତି କରିବାକୁ ପଡୁଥିଲା । ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ସମ୍ପର୍କରେ ଅବଗତ ହେବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ହେବା ସହ ନୂତନ ସମ୍ଭାବନା ସୃଷ୍ଟି ହୋଇଛି । ପୁଷ୍ଟିଶସ୍ୟର ପ୍ରୋତ୍ସାହନ ଦେଉଥିବା ସହଭାଗୀ ସଂସ୍ଥା ଏକେଏସଏସୟୁଏସର କର୍ମଚାରୀମାନଙ୍କଠାରୁ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ । ଏହାସହିତ ଏକ୍ସପୋଜର ପରିଦର୍ଶନ, ପ୍ରଦର୍ଶନ ଏବଂ ନିରନ୍ତର ମାର୍ଗଦର୍ଶନ ମାଧ୍ୟମରେ ସେ ତଳିଘରା ପ୍ରସ୍ତୁତି, ଜୈବିକ ଖତ

ପ୍ରସ୍ତୁତି ଆଦି ଉନ୍ନତ ଜ୍ଞାନ କୌଶଳ ଜାଣିବାକୁ ପାଇଥିଲେ । ପ୍ରାରମ୍ଭରେ ସେ ୨୦୨୪-୨୫ ଖରିଫ ଋତୁରେ ୨ ଏକର ଜମିରେ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ଏହି ପଦ୍ଧତିକୁ ଆପଣାଇବା ଦ୍ୱାରା ମାଣ୍ଡିଆ ଅମଳରେ ବୃଦ୍ଧି ହୋଇଥିଲା । ତାଙ୍କର ଅମଳ ପ୍ରାୟ ୩ରୁ ୭ କୁଇଣ୍ଟାଲକୁ ବୃଦ୍ଧି ପାଇଥିଲା । ସେ ୩ ଏକର ଜମିରେ ୨୧ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ । ସେଥିରୁ ସେ ୧୭ କୁଇଣ୍ଟାଲ ମାଣ୍ଡିଆକୁ ସ୍ଥାନୀୟ ମଣ୍ଡିରେ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ଟଙ୍କାରେ ବିକ୍ରି କରି ୭୬,୫୦୦ ଟଙ୍କା ରୋଜଗାର କରିଥିଲେ। ବଳକା ୪ କ୍ୱିଣ୍ଟାଲ ମାଣ୍ଡିଆକୁ ଘରେ ବର୍ଷସାରା ଖାଇବା ପାଇଁ ରଖିଛନ୍ତି । ଦୈନନ୍ଦିନ ଜୀବନର ଖାଦ୍ୟଥାଳିରେ ମାଣ୍ଡିଆକୁ ସାମିଲ କରି ପରିବାରର ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବାରେ ସକ୍ଷମ ହୋଇପାରିଛନ୍ତି ।

ଅଧିକ ଆୟ ହୋଇଥିବା ଟଙ୍କାକୁ ସେ ତାଙ୍କ ଘର ଛାତ ମରାମତି, କୃଷି ଉପକରଣ କ୍ରୟ ଏବଂ ନାତିନାତୁଣୀଙ୍କ ପାଠପଢ଼ାରେ ଖର୍ଚ୍ଚ କରିଥିଲେ । ମାଣ୍ଡିଆ ଚାଷ କରିବା ଦ୍ୱାରା ତାଙ୍କର ଆର୍ଥିକସ୍ଥିତିରେ ଉନ୍ନତି ହୋଇପାରିଛି । ବର୍ତ୍ତମାନ ତାଙ୍କ ପରିବାର ହସଖୁସିରେ ଚଳୁଛି । ତାଙ୍କର ଚାଷ କ୍ଷେତରେ ସଫଳତା ଯୋଗୁଁ ତାଙ୍କ ପୁଅମାନେ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଉ ନାହାନ୍ତି । କାରଣ ସେମାନଙ୍କ ନିଜ ଚାଷଜମିରେ କଠିନ ପରିଶ୍ରମ କରି ଅଧିକ ରୋଜଗାର କରିପାରୁଛନ୍ତି । ଏବେ ସେ ତାଙ୍କ ଗାଁର ଅନ୍ୟ ଚାଷୀମାନଙ୍କୁ ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ପାଇଁ ପ୍ରଶିକ୍ଷଣ ଦେବା ସହ ମାର୍ଗଦର୍ଶନ କରୁଛନ୍ତି।

"ବର୍ତ୍ତମାନ ଆମ ଘରେ ସାରା ବର୍ଷ ଖାଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ମାଣ୍ଡିଆ ମହଜୁଦ ଅଛି ଓ ଆଉ କିଛି ବିକ୍ରି କରିବା ପାଇଁ ମଧ୍ୟ ରହିଛି । ସେଦିନର ପରିସ୍ଥିତି ବଦଳିଯାଇଛି । ମାଣ୍ଡିଆ ଚାଷ ମୋପାଇଁ ଓ ମୋ ପରିବାର ପାଇଁ ସମ୍ମାନ ଆଣିଛି । ଅନ୍ୟ ଚାଷୀମାନେ ମୋ ପାଖକୁ ପରାମର୍ଶ ପାଇଁ ଆସୁଛନ୍ତି । ଶ୍ରୀ ଅନ୍ନ ଅଭିଯାନ ଯୋଗୁଁ ମୋ ଜୀବନର ମୋଡ ବଦଳିଯାଇଛି । ପୂର୍ବରୁ ସହୁଥିବା କ୍ଷତିରୁ ମୁକ୍ତି ମିଳିଛି । ଏବେ ମୋ ପରିବାର ହସ ଖୁସିରେ ଚଳୁଛି । ଏହା କେବଳ ଶ୍ରୀ ଅନ୍ନ ଅଭିଯାନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କାନ୍ଦଗରୀ କୁହନ୍ତି ।"



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

www.milletsodisha.com ଶ୍ରୀ ଅନ୍ନ ଅଭିଯାନ (Shree Anna Abhiyan)